॥ ଓଁ ଶ୍ରୀପରମାତ୍ମନେ ନମଃ ॥ 1267▲

ସହଜ ସାଧନା

सहज साधना (ओड़िआ)

ସ୍ୱାମୀ ରାମସୁଖଦାସ

॥ ଶ୍ରୀହରିଃ ॥

ସହଜ ସାଧନା

सहज साधना (ओड़िआ)

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ॥

ସ୍ୱାମୀ ରାମସୁଖଦାସ

ଭାଷାନ୍ତର—ନିରଞ୍ଜନ ପଣ୍ଡା

1267 sahaj sadhana_Section_1_Front

Books are also available at—

1. Gita Press, Gorakhpur Ki Pustak-Dukan, Bharatiya Towers, Badam Badi, Cuttack ✆ (0671) 2335481, Mob. 8847856627
2. Cuttack, Railway Station, Platform No.1
3. Bhubaneswar, Railway Station, Platform No.1
4. Howrah, Railway Station, Platform No.5&18 Both.
5. Gobind Bhavan, 151, Mahatma Gandhi Road, Kolkata ✆ (033) 40605293, 22680251; 22686894

Seventeenth Reprint 2018 1,500

Total 50,000

❖ **Price : ₹ 7**

(Seven Rupees only)

Printed & Published by :

Gita Press, Gorakhpur—273005 (INDIA)

(a unit of Gobind Bhavan-Karyalaya, Kolkata)

Phone : (0551) 2334721, 2331250, 2331251

web : **gitapress.org** e-mail : **booksales@gitapress.org**

Visit gitapressbookshop.in for online purchase of Gitapress publications.

॥ ଶ୍ରୀହରିଃ ॥

ବିନମ୍ର ନିବେଦନ

ପରମାମୃତତତ୍ତ୍ୱପ୍ରାପ୍ତି ଚାହୁଁଥିବା ସାଧକମାନଙ୍କ ସେବାରେ ଏହି ପୁସ୍ତକଟି ପ୍ରସ୍ତୁତ କରି ଆମେ ଅତ୍ୟନ୍ତ ଆନନ୍ଦିତ । ଏହି ପୁସ୍ତକ ସାଧକମାନଙ୍କ ବିବେକକୁ ବିକଶିତ କରି ଏବଂ ଉତ୍ସାହ ବର୍ଦ୍ଧିତ କରି ସେମାନଙ୍କୁ ସରଳଭାବରେ ଓ ଶୀଘ୍ର ସାଧ୍ୟପ୍ରାପ୍ତି କରାଇବାରେ ସହାୟକ ହେବ ବୋଲି ଆମର ବିଶ୍ୱାସ । ଯେପରି 'ନଅ' ସଂଖ୍ୟା ନିଜେ ନିଜ ମଧ୍ୟରେ ପୂର୍ଣ୍ଣ, ସେହିପରି ନଅଟି ଲେଖାବିଶିଷ୍ଟ ଉକ୍ତ ପୁସ୍ତକ ମଧ୍ୟ ନିଜେ ନିଜ ମଧ୍ୟରେ ପୂର୍ଣ୍ଣ ତଥା ଏହାର ଅଧ୍ୟୟନକାରୀଙ୍କୁ ମଧ୍ୟ ପୂର୍ଣ୍ଣତ୍ୱ ପ୍ରଦାନ କରିବାରେ ସମର୍ଥ ।

ସାଧକମାନଙ୍କୁ ପ୍ରାର୍ଥନା ଯେ ସେମାନେ ଏହି ପୁସ୍ତକଟିକୁ ଶିଖିବା ଓ ଶିଖାଇବା ଦୃଷ୍ଟିରୁ ଅଧ୍ୟୟନ ନ କରି, କେବଳ ତତ୍ତ୍ୱକୁ ଅନୁଭବ କରିବା ଉଦ୍ଦେଶ୍ୟରେ ହିଁ ଉତ୍ସୁକ ହୋଇ ଅଧ୍ୟୟନ କରିବେ । ଏହାଦ୍ୱାରା ସେମାନେ ଏହି ପୁସ୍ତକରୁ ପ୍ରକୃତ ଉପକାର ପାଇ ପାରିବେ ।

—**ପ୍ରକାଶକ**

॥ ଶ୍ରୀହରିଃ ॥

ସୂଚୀପତ୍ର

ବିଷୟ	ପୃଷ୍ଠା
୧. ନିର୍ଦ୍ଦୋଷତାର ଅନୁଭବ	5
୨. ନିତ୍ୟଯୋଗ ଓ ତାହାର ଅନୁଭବ	11
୩. ଭଗବାନଙ୍କ ପ୍ରତି ଆତ୍ମୀୟତା	20
୪. ଜିଜ୍ଞାସା ଓ ବୋଧ	24
୫. ଅହଂନାଶ ଓ ତତ୍ତ୍ୱର ଅନୁଭବ	26
୬. କରଣନିରପେକ୍ଷ ତତ୍ତ୍ୱ	33
୭. ଅସତ୍‌ର ବର୍ଣ୍ଣନ	41
୮. ବର୍ଣ୍ଣନାତୀତର ବର୍ଣ୍ଣନ	47
୯. ଚୁପ୍-ସାଧନା	56

॥ ଶ୍ରୀହରିଃ ॥

୧. ନିର୍ଦ୍ଦୋଷତାର ଅନୁଭବ

ଭଗବାନଙ୍କ ଅଂଶ ହୋଇଥିବାରୁ ଜୀବର ଭଗବାନଙ୍କ ସହିତ ସାଧର୍ମ୍ୟ ରହିଛି । ସୁତରାଂ ଭଗବାନ ଯେପରି ନିର୍ଦ୍ଦୋଷ, ଜୀବ ମଧ୍ୟ ସେହିପରି ସ୍ୱରୂପ ଦୃଷ୍ଟିରୁ ସର୍ବଥା ନିର୍ଦ୍ଦୋଷ । ଏହି ନିର୍ଦ୍ଦୋଷତା ଜୀବର ଉଦ୍ୟମ ଦ୍ୱାରା ଆସି ନାହିଁ, ବରଂ ଏହା ସ୍ୱତଃସିଦ୍ଧ ଓ ସ୍ୱାଭାବିକ—

ଈସ୍ୱର ଅଂସ ଜୀୱ ଅବିନାସୀ । ଚେତନ ଅମଲ ସହଜ ସୁଖରାସୀ ॥

(ମାନସ ୭ । ୧୧୭ । ୧)

ପ୍ରାୟ ଲୋକଙ୍କର ଧାରଣା ଯେ, ଆମେ ଦୋଷଗୁଡ଼ିକୁ ଦୂର କରିବୁ, ନିର୍ଦ୍ଦୋଷ ହେବୁ, ତା'ପରେ ଯାଇ ଭଗବତ୍‌ପ୍ରାପ୍ତି ହେବ । ମାତ୍ର ସାଂସାରିକ ପଦାର୍ଥପ୍ରାପ୍ତିର ଏହି ପ୍ରଣାଳୀ ପରମାତ୍ମତତ୍ତ୍ୱର ପ୍ରାପ୍ତି ପାଇଁ ପ୍ରଯୁଜ୍ୟ ନୁହେଁ । ସାଂସାରିକ ପଦାର୍ଥର ପ୍ରାପ୍ତି ତ ଅପ୍ରାପ୍ତର ପ୍ରାପ୍ତି, ମାତ୍ର ପରମାତ୍ମତତ୍ତ୍ୱର ପ୍ରାପ୍ତି ନିତ୍ୟପ୍ରାପ୍ତର ପ୍ରାପ୍ତି । ସ୍ୱରୂପ ସ୍ୱତଃ ଓ ସ୍ୱାଭାବିକଭାବେ ନିର୍ଦ୍ଦୋଷ ଓ ନିତ୍ୟପ୍ରାପ୍ତ । ତେଣୁ ଏହି ନିର୍ଦ୍ଦୋଷତାକୁ କେବଳ ସ୍ୱୀକାର କରିବାକୁ ହେବ, ସୃଷ୍ଟି କରିବାକୁ ପଡ଼ିବ ନାହିଁ; ଏବଂ ଦୋଷଗୁଡ଼ିକରୁ କେବଳ ଉପରତ ହେବାକୁ ପଡ଼ିବ, ସେଗୁଡ଼ିକୁ ନଷ୍ଟ କରିବାର ଆବଶ୍ୟକତା ନାହିଁ । ଭାବାର୍ଥ ଏହି ଯେ ଆମଠାରେ ନିର୍ଦ୍ଦୋଷତା ବସ୍ତୁତଃ ବିଦ୍ୟମାନ; କିନ୍ତୁ ସଦୋଷତା ବିଦ୍ୟମାନ ନୁହେଁ, ବରଂ ସ୍ୱୀକୃତ । ତେଣୁ ଏହି ସ୍ୱୀକୃତିକୁ ତ୍ୟାଗ କରିବାକୁ ପଡ଼ିବ । ଯଦି ଦୋଷଗୁଡ଼ିକୁ ନିଜଠାରେ ଥିବାର ସ୍ୱୀକାର କରି ସେଗୁଡ଼ିକୁ ଦୂର କରିବାକୁ ପ୍ରଯତ୍ନ କରିବା, ତେବେ ସେଗୁଡ଼ିକ ଦୂର ହେବା ପରିବର୍ତ୍ତେ ଆହୁରି ଦୃଢ଼ ହୋଇଯିବ । କାରଣ ଦୋଷଗୁଡ଼ିକୁ

ନିଜଠାରେ ପ୍ରଥମେ ସତ୍ତା ଦେଲେ ହିଁ ତ ସେଗୁଡ଼ିକୁ ଦୂର କରିବାକୁ ଉଦ୍ୟମ କରିବା!

ଏହା ପ୍ରତ୍ୟେକ ସାଧକର ଅନୁଭବ ଯେ ସାଧନା କରିବା ପୂର୍ବରୁ ଦୋଷ ଯେତେ ବେଗରେ ଆସୁଥିଲା, ଏବେ ଆଉ ସେତେ ବେଗରେ ଆସୁ ନାହିଁ; ଯେତେ ସମୟ ରହୁଥିଲା, ଏବେ ଆଉ ସେତେ ସମୟ ରହୁ ନାହିଁ; ଏବଂ ଯେତେ ଶୀଘ୍ର ଆସୁଥିଲା, ଏବେ ଆଉ ସେତେ ଶୀଘ୍ର ଆସୁ ନାହିଁ। ଏପରି ପରିବର୍ତ୍ତନ ଲକ୍ଷ୍ୟ କରି ସାଧକର ଉତ୍ସାହ ବୃଦ୍ଧି ହେବା ଆବଶ୍ୟକ ଯେ, ବାସ୍ତବରେ ଦୋଷ ମୋ'ଠାରେ (ସ୍ୱରୂପରେ) ନାହିଁ। ଯଦି ମୋ'ଠାରେ ଥାଆନ୍ତା, ତେବେ ଏପରି ପରିବର୍ତ୍ତନ ଦେଖାଯାଇ ନ ଥାନ୍ତା। ମୋ'ଠାରେ କୌଣସି ପରିବର୍ତ୍ତନ ଆସି ନାହିଁ, ଅଥଚ ଦୋଷରେ ପରିବର୍ତ୍ତନ ଆସିଛି; ଅତଏବ ଦୋଷ ମୋ'ଠାରୁ ଭିନ୍ନ।

କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର ପ୍ରଭୃତି ସମସ୍ତ ଦୋଷ ଅସତ୍ ଏବଂ ଅସତ୍‌ର ସମ୍ବନ୍ଧରୁ ସୃଷ୍ଟ। ଯେପରି ନିଦ୍ରା ସମ୍ବନ୍ଧରୁ ଜାଗ୍ରତ ଅବସ୍ଥାର ବିସ୍ମୃତି ହୋଇଯାଏ ଓ ସ୍ୱପ୍ନ ଦୃଶ୍ୟ ହୁଏ, ସେହିପରି ଅସତ୍‌ର ସମ୍ବନ୍ଧରୁ ସ୍ୱତଃସିଦ୍ଧ ନିର୍ଦ୍ଦୋଷତାର ବିସ୍ମୃତି ଘଟେ ଓ ଦୋଷ ପ୍ରତୀୟମାନ ହୁଏ। ଦୋଷ ସ୍ୱପ୍ନର ସୃଷ୍ଟି ପରି କେବଳ ଦୃଶ୍ୟ ହୁଏ, ମାତ୍ର ପ୍ରକୃତରେ ଏହାର ସ୍ୱତନ୍ତ୍ର ସତ୍ତା ନ ଥାଏ।

ଦୋଷ ଆଗନ୍ତୁକ, କିନ୍ତୁ ନିର୍ଦ୍ଦୋଷ ସ୍ୱରୂପ ଆଗନ୍ତୁକ ନୁହେଁ। ଏହା ସମସ୍ତଙ୍କର ଅନୁଭବ ଯେ ଦୋଷ ଆସିଲେ ମଧ୍ୟ ଆମେ ରହୁଛୁ ଓ ଦୋଷ ଚ୍ଲିଗଲେ ମଧ୍ୟ ଆମେ ରହୁଛୁ। ଦୋଷ ଆସେ ଓ ଚ୍ଲିଯାଏ, କିନ୍ତୁ ଆମେ ଯଥାବତ୍ ରହିଥାଉ। ଆମକୁ ଦୋଷର ଆସିବା-ଯିବାର ଜ୍ଞାନ ହୁଏ, ଏଥିରୁ ଆମର ନିର୍ଦ୍ଦୋଷତା ସ୍ଥାୟୀ ବୋଲି ପ୍ରମାଣିତ ହେଲା। କାରଣ ନିର୍ଦ୍ଦୋଷ ନ ହୋଇଥିଲେ ଦୋଷ ସମ୍ବନ୍ଧରେ ଜ୍ଞାନ ହୁଅନ୍ତା ନାହିଁ। ଆମେ ନିର୍ଦ୍ଦୋଷ ହୋଇଥିବାରୁ ହିଁ ଦୋଷ ସମ୍ବନ୍ଧରେ ଜ୍ଞାନ ହେଉଛି ଏବଂ ଯାହା ସମ୍ବନ୍ଧରେ ଜ୍ଞାନ ହେଉଛି, ତାହା ଆମଠାରୁ

ନିଶ୍ଚିତ ଦୂର । ଯେକୌଣସି ଦୋଷ ହେଉ ପଛେ, ତାହା ମନ ଓ ବୁଦ୍ଧିରେ ଆସେ, ଆମଠାରେ କଦାପି ଆସେ ନାହିଁ । ମାତ୍ର ମନ ଓ ବୁଦ୍ଧି ସହିତ ତାଦାତ୍ମ୍ୟ ଥିବାରୁ ଦୋଷ ଆମଠାରେ ଦୃଶ୍ୟ ହୁଏ । ପ୍ରକୃତିର କାର୍ଯ୍ୟ ହୋଇଥିବାରୁ ମନ ଓ ବୁଦ୍ଧି ମଧ୍ୟ ଦୋଷଯୁକ୍ତ ଓ ଅନିତ୍ୟ । ଆମର କିନ୍ତୁ ମନ ଓ ବୁଦ୍ଧି ସହିତ ସମ୍ବନ୍ଧ ନାହିଁ କି ସେମାନଙ୍କ ଠାରେ ଆସୁଥିବା ଦୋଷଗୁଡ଼ିକ ସହିତ ମଧ୍ୟ ସମ୍ବନ୍ଧ ନାହିଁ ।

ସିଦ୍ଧାନ୍ତ ଦୃଷ୍ଟିରୁ ଯାହା ଆଦି ଓ ଅନ୍ତରେ ନ ଥାଏ, ତାହା ମଧ୍ୟରେ ବି ନ ଥାଏ—**'ଆଦାବନ୍ତେ ଚ ଯନ୍ନାସ୍ତି ବର୍ତ୍ତମାନେଽପି ତତ୍ତଥା'** (ମାଣ୍ଡୂକ୍ୟକାରିକା ୪ । ୩୧) । ଦର୍ପଣରେ ମୁହଁ ପୂର୍ବରୁ ନ ଥାଏ, ପରେ ବି ରହେ ନାହିଁ ଏବଂ ମଧ୍ୟକାଳରେ ପ୍ରତ୍ୟକ୍ଷ ଦେଖାଯାଉଥିଲେ ବି ବାସ୍ତବରେ ନ ଥାଏ । ସେହିପରି ଆମଠାରେ ଦୋଷ ପୂର୍ବରୁ ନ ଥିଲା, ପରେ ମଧ୍ୟ ରହିବ ନାହିଁ ଏବଂ ବର୍ତ୍ତମାନ ଦୃଶ୍ୟ ହେଉଥିଲେ ମଧ୍ୟ ଆମଠାରେ ନାହିଁ । ଦର୍ପଣରେ ଯେପରି ମୁହଁ ଦେଖାଯାଏ, ଆମଠାରେ ସେହିପରି ଦୋଷ ଦେଖାଯାଉଛି, ପ୍ରକୃତରେ ଦୋଷ ନାହିଁ ।

ଆମଠାରେ ଯେପରି ଦୋଷ ନାହିଁ, ଅନ୍ୟମାନଙ୍କ ଠାରେ ମଧ୍ୟ ସେହିପରି ଦୋଷ ନାହିଁ । ସମସ୍ତଙ୍କ ସ୍ୱରୂପ ସ୍ୱଭାବତଃ ନିର୍ଦୋଷ । ତେଣୁ କାହାରିକୁ କଦାପି ଦୋଷୀ ମାନିବା ଉଚିତ ନୁହେଁ ଅର୍ଥାତ୍ ନିର୍ଦୋଷ ସ୍ୱରୂପ ଆଡ଼କୁ ସ୍ୱାଭାବିକରୂପେ ଦୃଷ୍ଟି ରହିବା ଉଚିତ । ବୁଝିବା କଥା ଯେ ସେ ଆଗନ୍ତୁକ ଦୋଷର ବଶବର୍ତ୍ତୀ ହୋଇ ଏପରି କ୍ରିୟା କରିଦେଇଛି, କିନ୍ତୁ ସେହି କ୍ରିୟା ସ୍ଥାୟୀ ରହିବ ନାହିଁ କି ତାହାର ଫଳ ସ୍ଥାୟୀ ରହିବ ନାହିଁ । କ୍ରିୟା ଓ ଫଳ ରହିବ ନାହିଁ ସତ, କିନ୍ତୁ ସ୍ୱରୂପ ନିଶ୍ଚିତ ରହିବ । ଯଦି ଆମେ ଅନ୍ୟଠାରେ ଦୋଷ ଥିବାର ମାନିନେବା, ତେବେ ତା'ଠାରେ ଦୋଷ ଆସିଯିବ; କାରଣ ତା'ର ଦୋଷ ଦେଖିବା ଦ୍ୱାରା ଆମର ତ୍ୟାଗ, ତପ, ବଳ ପ୍ରଭୃତି ମଧ୍ୟ ସେହି ଦୋଷକୁ ସୃଷ୍ଟି କରିବାରେ ସ୍ୱାଭାବିକରୂପେ ସହାୟକ ହୋଇଯିବେ, ଫଳରେ ସେହି ବ୍ୟକ୍ତି ଦୋଷୀ

ହୋଇଯିବ। ଏଣୁ (ସିଦ୍ଧାନ୍ତ ଦୃଷ୍ଟିରୁ) ପୁତ୍ର, ଶିଷ୍ୟ ପ୍ରଭୃତିଙ୍କୁ ସ୍ୱରୂପତଃ ନିର୍ଦ୍ଦୋଷ ମନେକରି ଓ ସେମାନଙ୍କ ଠାରେ ଦେଖାଯାଉଥିବା ଦୋଷକୁ ଆଗନ୍ତୁକ ମନେକରି ସେମାନଙ୍କୁ (ବ୍ୟବହାର ଦୃଷ୍ଟିରୁ) ଶିକ୍ଷା ଦେବା ଉଚିତ। ସେମାନଙ୍କୁ ନିର୍ଦ୍ଦୋଷ ମନେକରି ହିଁ ସେମାନଙ୍କ ଆଗନ୍ତୁକ ଦୋଷ ଦୂର କରିବାକୁ ପ୍ରଯତ୍ନ କରିବା ଉଚିତ।

ଯଦି ମନ ଓ ବୁଦ୍ଧିରେ କୌଣସି ଦୋଷ ସୃଷ୍ଟି ହୋଇଯାଏ, ତେବେ ତାହାର ବଶବର୍ତ୍ତୀ ହେବା ଉଚିତ ନୁହେଁ—**'ତୟୋର୍ନ ବଶମାଗଚ୍ଛେତ୍'** (ଗୀତା ୩।୩୪) ଅର୍ଥାତ୍ ସେହି ଅନୁସାରେ କୌଣସି କ୍ରିୟା କରିବା ଉଚିତ ନୁହେଁ। ଦୋଷର ବଶବର୍ତ୍ତୀ ହୋଇ କ୍ରିୟା କଲେ ସେହି ଦୋଷ ଦୃଢ଼ ହୋଇଯିବ। ତାହାର ବଶବର୍ତ୍ତୀ ହୋଇ କ୍ରିୟା ନ କଲେ ଏକ ଉତ୍ସାହ ସୃଷ୍ଟି ହେବ। ଉଦାହରଣାର୍ଥ—କେହି ଆମକୁ ଦି'ପଦ କଡ଼ା କଥା କହିଦେଲା, କିନ୍ତୁ ଆମର କ୍ରୋଧ ଜାତ ହେଲା ନାହିଁ, ତେବେ ଆମ ମନରେ ଏକ ପ୍ରସନ୍ନତା ଓ ଉତ୍ସାହ ସୃଷ୍ଟି ହେବ ଯେ, ଯାହାହେଉ ମୁଁ ଆଜି କ୍ରୋଧରୁ ରକ୍ଷା ପାଇଗଲି! ମାତ୍ର ଏହାକୁ ନିଜର ସାମର୍ଥ୍ୟ ମନେ ନ କରି ଭଗବାନଙ୍କର କୃପା ମନେକରିବା ଉଚିତ ଯେ, ଭଗବାନଙ୍କ କୃପାରୁ ମୁଁ ଆଜି ରକ୍ଷା ପାଇଗଲି, ନୋହିଲେ ଏହାର ବଶବର୍ତ୍ତୀ ହୋଇଯାଇଥାନ୍ତି! ଏହିରୂପେ ସାଧକକୁ କେବେ କୌଣସି ଦୋଷ ଦେଖାଗଲେ ସେ ତାହାର ବଶବର୍ତ୍ତୀ ନ ହେବା ଉଚିତ ଓ ତାହାକୁ ନିଜଠାରେ ଅସ୍ତିତ୍ୱ ମଧ୍ୟ ନ ଦେବା ଉଚିତ।

ଅସଲ ଦୋଷ ହେଲା—ପ୍ରାପ୍ତ ସ୍ୱତନ୍ତ୍ରତାର ଦୁରୁପଯୋଗ। ଆମେ ଅସତ୍‌ର ସତ୍ତାକୁ ମାନି ବି ପାରିବା ଓ ପ୍ରତ୍ୟାଖ୍ୟାନ ବି କରି ପାରିବା; ଛଳ, କପଟ, ହିଂସା ଆଦି କରି ବି ପାରିବା ଓ ନ କରି ବି ପାରିବା—ଏହା ହେଉଛି ପ୍ରାପ୍ତ ସ୍ୱତନ୍ତ୍ରତା। ଯେବେଠାରୁ ଆମେ ଏହି ସ୍ୱତନ୍ତ୍ରତାର ଦୁରୁପଯୋଗ କଲେ, ସେହି ସମୟଠାରୁ ଆମର ଜନ୍ମମରଣ ଆରମ୍ଭ ହେଲା। ଆଉ ଏଣିକି ଏହାର ଦୁରୁପଯୋଗ ନ କରିବା ଉଚିତ। ଦୁରୁପଯୋଗ ନ କଲେ ନିର୍ଦ୍ଦୋଷତା ସୁରକ୍ଷିତ ରହିବ।

ଯେତେବେଳେ ମନୁଷ୍ୟ ପ୍ରାପ୍ତ ସ୍ୱତନ୍ତ୍ରତାର ଦୁରୁପଯୋଗ କରି ଅସତ୍‌ର ସଙ୍ଗ କରେ, ସେତେବେଳେ ସେ ଅସତ୍‌ର ସଙ୍ଗରୁ ଉତ୍ପନ୍ନ ସଂଯୋଗଜନିତ ସୁଖରେ ଆସକ୍ତ ହୋଇଯାଏ । ସଂଯୋଗଜନିତ ସୁଖର ଆସକ୍ତିରୁ ହିଁ ସମସ୍ତ ଦୋଷ ଉତ୍ପନ୍ନ ହୁଏ ।

ଅସତ୍ ପଦାର୍ଥ ପ୍ରତି ଯେଉଁ ରୁଚି ରହିଛି, ଭୋଗ ଓ ସଂଗ୍ରହରେ ଯେଉଁ ସୌନ୍ଦର୍ଯ୍ୟ ଓ ସୁଖ ଦେଖାଯାଉଛି ଏବଂ ତାହାକୁ ପାଇବା ପାଇଁ ଯେଉଁ ଇଚ୍ଛା ହେଉଛି, ତାହା ହିଁ ସମସ୍ତ ଦୋଷର ମୂଳପିଣ୍ଡ । ଯେ ଦୁଃଖୀ, ତା' ମନରେ ହିଁ ସଂଯୋଗଜନିତ ସୁଖର ଇଚ୍ଛା ସୃଷ୍ଟି ହୁଏ । ଦୁଃଖୀ ବ୍ୟକ୍ତି ହିଁ ସୁଖର ଇଚ୍ଛା କରେ ଏବଂ ଦୁଃଖୀକୁ ହିଁ ସୁଖ ମିଳେ । କ୍ଷୁଧାର୍ତ୍ତକୁ ହିଁ ଭୋଜନର ସୁଖ ମିଳେ । ସୁଖ ପରେ ଦୁଃଖ ଆସିବା ଅନିବାର୍ଯ୍ୟ—**'ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ'** (ଗୀତା ୫ । ୨୨) । ଏହିରୂପେ 'ସୁଖ ପୂର୍ବରୁ ମଧ୍ୟ ଦୁଃଖ ବିଦ୍ୟମାନ' ବୋଲି ବୁଝିଗଲେ ସୁଖର ଇଚ୍ଛା ଦୂରୀଭୂତ ହୋଇଯାଏ; କାରଣ କେହି କଦାପି ଦୁଃଖ ଚାହେଁ ନାହିଁ । ସୁଖେଚ୍ଛା ଦୂରୀଭୂତ ହୋଇଗଲେ ସ୍ୱତଃସିଦ୍ଧ ନିର୍ଦୋଷତାର ଅନୁଭବ ହୁଏ ।

ନିର୍ଦୋଷତା କୃତିସାଧ୍ୟ ନୁହେଁ । ନିର୍ଦୋଷତାକୁ କୃତିସାଧ୍ୟ ମାନିଲେ ଅଭିମାନ ଆସେ, ଯାହା କି ସମସ୍ତ ଦୋଷର ଆଶ୍ରୟ । ବାସ୍ତବରେ ନିର୍ଦୋଷତା ସ୍ୱତଃସିଦ୍ଧ, ସ୍ୱାଭାବିକ ଓ ସହଜ । ଏହି ନିର୍ଦୋଷତାକୁ ରକ୍ଷା କରିବା ସାଧକର କାମ । ନିର୍ଦୋଷତାକୁ ରକ୍ଷା କରିବାର ଅର୍ଥ—ନିଜ ମଧ୍ୟରେ ନିର୍ଦୋଷତାକୁ ନିରନ୍ତର ସ୍ଥାୟୀରୂପେ ସ୍ୱୀକାର କରିବା ଓ ନିଜ ମଧ୍ୟରେ ଦୋଷଗୁଡ଼ିକର ଅସ୍ତିତ୍ୱ ସ୍ୱୀକାର ନ କରିବା । ମୋ'ଭିତରେ ଦୋଷ ନାହିଁ—ଏପରି ମାନିନେବା ପରେ ପୁଣି କେବେ ଦୋଷ ଆସିବାର ଦେଖାଗଲେ 'ହେ ପ୍ରଭୁ! ହେ ପ୍ରଭୁ!!' କହି ଭଗବାନଙ୍କୁ ଡାକିବା ଉଚିତ । ଭଗବାନ ତାଙ୍କ ଶରଣାଗତ ଭକ୍ତର ଯୋଗ ଓ କ୍ଷେମ ବହନ କରନ୍ତି—**'ଯୋଗକ୍ଷେମଂ ବହାମ୍ୟହମ୍'** (ଗୀତା ୯ । ୨୨) ଅର୍ଥାତ୍

ନିର୍ଦ୍ଦୋଷତାକୁ ରକ୍ଷା କରନ୍ତି ଓ ଆଗନ୍ତୁକ ଦୋଷକୁ ଦୂର କରନ୍ତି, ପୁଣି ଆମେ କାହିଁକି ଚିନ୍ତା କରିବା? ଯାହାଙ୍କ କୃପାରୁ ଆମକୁ ନିଜ ମଧ୍ୟରେ ନିର୍ଦ୍ଦୋଷତାର ଜ୍ଞାନ ହୋଇଛି, ସେ ହିଁ ସେହି ନିର୍ଦ୍ଦୋଷତାକୁ ରକ୍ଷା କରିବେ—ଏହି ଭାବନାରେ ଭଗବାନଙ୍କ କୃପାକୁ ସ୍ୱୀକାର କଲେ ଦୋଷର ଆସିବା-ଯିବା ମଧ୍ୟ ବନ୍ଦ ହୋଇଯିବ।

ନିର୍ଦ୍ଦୋଷତା ଅନୁଭବ କରିବା ପାଇଁ ଭଗବାନଙ୍କୁ ଡାକିବା ଯେପରି ଏକ ଉପାୟ, ନିଜ ନିର୍ଦ୍ଦୋଷତାର ଦୃଢ଼ ସ୍ୱୀକୃତି ମଧ୍ୟ ସେହିପରି ଏକ ଉପାୟ। ନିଜର ସତ୍ତା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ସତ୍ତାରେ କୌଣସି ଦୋଷ ଓ ବିକାରର ଆଦୌ ସ୍ଥାନ ନାହିଁ। ସେହି ନିର୍ଦ୍ଦୋଷତାରେ ସମସ୍ତଙ୍କର ସ୍ଥିତି ସ୍ୱତଃ, ସ୍ୱାଭାବିକ, ସହଜ, ନିତ୍ୟ ଓ ସ୍ୱୟଂସିଦ୍ଧ। ନିଜର ନିର୍ଦ୍ଦୋଷତାକୁ ଦୃଢ଼ଭାବରେ ସ୍ୱୀକାର କରି ବାହ୍ୟ ଓ ଅଭ୍ୟନ୍ତରରେ ଚୁପ୍ ହୋଇଯାଆନ୍ତୁ। ଚୁପ୍ ହୋଇଗଲେ ଅର୍ଥାତ୍ ନିର୍ଦ୍ଦୋଷ ସତ୍ତାକୁ ମହତ୍ତ୍ୱ ଦେଲେ ଆପେ ଆପେ ଦୋଷଶୂନ୍ୟତାର ଅନୁଭବ ହୁଏ। ଥରେମାତ୍ର ଏହି ଅନୁଭବ ହୋଇଗଲେ ସଦାକାଳ ପାଇଁ ରହିଯାଏ; କାରଣ ଏହା ଅଭ୍ୟାସସାଧ୍ୟ ନୁହେଁ, ବରଂ ବାସ୍ତବିକତାର ଅନୁଭବ।

୨. ନିତ୍ୟଯୋଗ ଓ ତାହାର ଅନୁଭବ

ପ୍ରକୃତି ଓ ପୁରୁଷ ଉଭୟଙ୍କୁ ଅନାଦି କୁହାଯାଇଛି—**‘ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି’** (ଗୀତା ୧୩।୧୯)। ଅନାଦି ହୋଇଥିଲେ ମଧ୍ୟ ଉଭୟର ସ୍ୱଭାବ ଭିନ୍ନ ଭିନ୍ନ। ପ୍ରକୃତିରେ ନିରନ୍ତର କ୍ରିୟା ହେଉଥାଏ; କିନ୍ତୁ ପୁରୁଷଠାରେ ଆଦୌ କ୍ରିୟା ହୁଏ ନାହିଁ। ଉଭୟର ଏହି ପ୍ରଭେଦକୁ ଠିକ୍‌ଭାବରେ ବୁଝିବା ଆବଶ୍ୟକ।

ଶାସ୍ତ୍ରରେ ବର୍ଣ୍ଣନା ଅଛି ଯେ ପ୍ରକୃତିର ଏକ ଅକ୍ରିୟ ଅବସ୍ଥା ହୁଏ ଓ ଏକ ସକ୍ରିୟ ଅବସ୍ଥା ହୁଏ। ମାତ୍ର ବିଚାର କରି ଦେଖିଲେ ଅକ୍ରିୟ ଅବସ୍ଥା କଥା ପ୍ରକୃତରେ ସକ୍ରିୟ ଅବସ୍ଥା ତୁଳନାରେ ହିଁ କୁହାଯାଇଥାଏ। ପ୍ରକୃତିର ସୂକ୍ଷ୍ମ କ୍ରିୟା ଅକ୍ରିୟ ଅବସ୍ଥାରେ ମଧ୍ୟ କଦାପି ବନ୍ଦ ହୁଏ ନାହିଁ। ଉଦାହରଣାର୍ଥ—ଆମେ କେତେବେଳେ ଜାଗ୍ରତ ରହି କମଧନ୍ଦା କରୁ ତ ପୁଣି କେବେ କାମଧନ୍ଦା ଛାଡ଼ି ନିଦରେ ଶୋଇଯାଉ; ମାତ୍ର ଶରୀରର ବିନାଶରୂପୀ କ୍ରିୟା କଦାପି ବନ୍ଦ ହୁଏ ନାହିଁ। ନିଦ୍ରାରେ ମଧ୍ୟ ତିନି ପ୍ରକାର କ୍ରିୟା ହୁଏ; ଯଥା—ନିଦ୍ରା ପରିପକ୍ୱ ହେବାର କ୍ରିୟା*, କ୍ଲାନ୍ତି ଦୂର ହୋଇ ସତେଜତା ଆସିବାର କ୍ରିୟା ଓ ଶରୀର ବିନଷ୍ଟ ହେବା (ଆୟୁ କ୍ଷୟ ହେବା) ରୂପକ କ୍ରିୟା। ବିନାଶର ଏହି କ୍ରିୟା ସ୍ୱତଃ ଓ ସ୍ୱାଭାବିକଭାବେ ନିରନ୍ତର ହେଉଥାଏ। ସୃଷ୍ଟିସର୍ଜନା ସମୟରେ ମଧ୍ୟ ଏହି କ୍ରିୟା ଚାଲେ ଏବଂ ସୃଷ୍ଟିର ବିଲୟ ସମୟରେ ମଧ୍ୟ ଏହି କ୍ରିୟା ଚାଲେ। ସୃଷ୍ଟିର

---

* ଶୋଇଥିବା ସମୟରେ ଆମକୁ କେହି ଉଠାଇଦେଲେ ଆମେ କହିଥାଉ ଯେ ‘କଞ୍ଚା ନିଦରୁ ଉଠାଇଦେଲା’। ଏଥିରୁ ପ୍ରମାଣିତ ହୁଏ ଯେ ନିଦ୍ରାରେ ମଧ୍ୟ ପରିପକ୍ୱ ହେବାର କ୍ରିୟା ଚାଲୁଥାଏ।

ବିଲୟ ହେଲେ ପ୍ରକୃତିକୁ ନିଷ୍କ୍ରିୟ କୁହାଯାଏ, କିନ୍ତୁ କେଉଁ ବିଷୟରେ ନିଷ୍କ୍ରିୟ? ସୃଷ୍ଟିରଚନା ବିଷୟରେ ନିଷ୍କ୍ରିୟ । ବସ୍ତୁତଃ ପ୍ରକୃତି କଦାପି ନିଷ୍କ୍ରିୟ ହୁଏ ନାହିଁ । ଜାଗ୍ରତରେ, ସ୍ୱପ୍ନରେ, ସୁଷୁପ୍ତିରେ, ମୂର୍ଚ୍ଛାରେ, ସମାଧିରେ, ସର୍ଗରେ, ପ୍ରଳୟରେ, ମହାସର୍ଗରେ, ମହାପ୍ରଳୟରେ, ପ୍ରତ୍ୟେକ ସମୟରେ କ୍ରିୟା ହେଉଥାଏ । ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର, ଧନ, ସମ୍ପତ୍ତି, ବୈଭବ ପ୍ରଭୃତି ଏବଂ ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ସମୁଦ୍ର ପ୍ରଭୃତି ଯେତେ ଦୃଶ୍ୟ (ପ୍ରକୃତିର କାର୍ଯ୍ୟ) ଦେଖାଯାଉଛି, ସବୁଥିରେ ପ୍ରତିକ୍ଷଣ କ୍ରିୟା ହେଉଛି । ଏହି ପ୍ରାକୃତ କ୍ରିୟାରେ ଉତ୍ପତ୍ତି ଓ ବିନାଶର ଏକ କ୍ରମ (ପ୍ରବାହ) ଚାଲୁଥାଏ ଏବଂ ଏହି କ୍ରମ ହିଁ ସ୍ଥିତିରୂପେ ଦୃଶ୍ୟ ହୁଏ, ପ୍ରକୃତରେ ସ୍ଥିତି ନାହିଁ । ଆମେ କହିଥାଉ ଯେ 'ଗଙ୍ଗାର ଜଳ କାଲି ଯେଉଁଠି ବହୁଥିଲା ସେଇଠି ବହୁଅଛି', ମାତ୍ର ଏଥିରେ ଦୁଇଟି କଥା ଅଛି—(୧) 'କାଲି ଯେଉଁଠି ବହୁଥିଲା' ଏବଂ (୨) 'ସେଇଠି ବହୁଅଛି' । କହିବାର ଅଭିପ୍ରାୟ ଯେ ଜଳ କାଲିର ସ୍ଥାନରେ ଦେଖାଯାଉଥିଲେ ମଧ୍ୟ ସ୍ଥିର ନାହିଁ, ନିରନ୍ତର ବହୁଅଛି । ଠିକ୍ ଏହିପରି ଶରୀର ଓ ସଂସାର ସ୍ଥିର ଦେଖାଯାଉଥିଲେ ମଧ୍ୟ ନିରନ୍ତର ବହୁଅଛି, ବିନାଶ ଆଡ଼କୁ ଯାଉଛି । ମାତ୍ର ପରମାତ୍ମତତ୍ତ୍ୱରେ ଓ ନିଜର ସ୍ୱରୂପରେ କ୍ରିୟା ନାହିଁ । ଏ ଦୁହେଁ ସର୍ବଦା ଯଥାବତ୍ ରହନ୍ତି । ଯଦି ଏମାନଙ୍କ ଠାରେ କିଞ୍ଚିନ୍ମାତ୍ର ବି କ୍ରିୟା ହେଉଥାନ୍ତା, ତେବେ ଏମାନେ ସର୍ବଦା ଯଥାବତ୍ ରହନ୍ତେ ନାହିଁ, ବରଂ ବଦଳି ଯାଆନ୍ତେ ।

ପ୍ରକୃତିର ପ୍ରତ୍ୟେକ କ୍ରିୟା ଆମ ସ୍ୱରୂପଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ନିରନ୍ତର ପୃଥକ୍ ହେଉଛି । ସମସ୍ତେ ଅନୁଭବ କରନ୍ତି, "ମୁଁ ପିଲାବେଳେ ଅମୁକ ଅମୁକ କର୍ମ କରୁଥିଲି, ଏବେ କିନ୍ତୁ ଭିନ୍ନ କର୍ମ କରୁଛି । ମାତ୍ର ପିଲାବେଳେ ମୁଁ ଯିଏ ଥିଲି, ସେହି ମୁଁ ଆଜି ମଧ୍ୟ ଅଛି ।" ପିଲାରୁ ଯୁବକ ହେବା ଓ ଯୁବକରୁ ବୃଦ୍ଧ ହେବା—ଏହା ହେଲା ପ୍ରାକୃତ କ୍ରିୟା ଏବଂ 'ମୁଁ ସେହି ଅଛି'—ଏହା ହେଲା ଅକ୍ରିୟ ସ୍ୱରୂପ । ବାଳକରୁ ଯୁବକ ଓ ଯୁବକରୁ ବୃଦ୍ଧ ହେବା ପାଇଁ କୌଣସି ଉଦ୍ୟମ କରିବାକୁ ପଡ଼େ

ନାହିଁ, ବରଂ ଏହି ପରିବର୍ତ୍ତନରୂପକ କ୍ରିୟା ଶରୀରରେ ସ୍ୱାଭାବିକଭାବେ ହେଉଛି । ସ୍ୱୟଂ (ଆମ ସ୍ୱରୂପ) ଶରୀର ସହିତ ସମ୍ବନ୍ଧ ମାନିନେଲା, ସେଥିପାଇଁ ଶରୀରରେ ଘଟିତ କ୍ରିୟା ସ୍ୱୟଂରେ ଦେଖାଯାଉଛି; ଯଥା— ମୁଁ ବାଳକ, ମୁଁ ଯୁବକ, ମୁଁ ବୃଦ୍ଧ, ମୁଁ ରୋଗୀ, ମୁଁ ନୀରୋଗ ଇତ୍ୟାଦି । ଶରୀର ସହିତ ନିଜର ସମ୍ବନ୍ଧ ମାନିବା ହିଁ ଅଜ୍ଞାନ ଏବଂ ଶରୀରକୁ ନିଜଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅନୁଭବ କରିବା ହିଁ ଜ୍ଞାନ—

'କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥ (ଗୀତା ୧୩ । ୨)

ସାଧକ ଅନୁଭବ କରିବା ଉଚିତ ଯେ ଯାହା ସବୁ କ୍ରିୟା ହେଉଛି, ସବୁ ଶରୀରରେ ହିଁ ହେଉଛି । ବୟସ ମଧ୍ୟ ଶରୀରର । ସ୍ୱୟଂର ବୟସ ନ ଥାଏ । କାଳ ମଧ୍ୟ ଶରୀରକୁ ହିଁ ଗ୍ରାସେ । ସ୍ଥୂଳଶରୀରର କ୍ରିୟା ହେଉ ବା ସୂକ୍ଷ୍ମଶରୀରର ଚିନ୍ତନ, ମନନ, ଧ୍ୟାନ ପ୍ରଭୃତି କ୍ରିୟା ହେଉ ଅଥବା କାରଣଶରୀରର ସମାଧି ହେଉ*, ସବୁ କ୍ରିୟାକୁ କାଳ ନିରନ୍ତର ଗ୍ରାସ କରୁଛି । ମାତ୍ର ସ୍ୱୟଂକୁ କାଳ ଗ୍ରାସ କରେ ନାହିଁ । ସ୍ୱୟଂରେ କୌଣସି କ୍ରିୟା ନାହିଁ । ସେ ସମସ୍ତ କ୍ରିୟାର ସାକ୍ଷୀ । ସେହି କ୍ରିୟାରହିତ ସ୍ୱୟଂ (ସ୍ୱରୂପ)ରେ ନିଜର ସ୍ୱାଭାବିକ ସ୍ଥିତି ଅନୁଭବ କରିବା ହିଁ ମୁକ୍ତି ଏବଂ କ୍ରିୟାସହିତ ଶରୀରରେ ସ୍ଥିତ ହେବା ହିଁ ବନ୍ଧନ ।

କ୍ରିୟା ଓ ଅକ୍ରିୟାକୁ ଅନ୍ୟ ଶବ୍ଦରେ ପ୍ରବୃତ୍ତି ଓ ନିବୃତ୍ତି ମଧ୍ୟ କୁହାଯାଇପାରେ । ସଂସାରର ପ୍ରତ୍ୟେକ ପ୍ରବୃତ୍ତିର ନିବୃତ୍ତି ସ୍ୱତଃ ହେଉଛି । ପ୍ରବୃତ୍ତି ସମୟରେ ମଧ୍ୟ ନିବୃତ୍ତି ଯଥାବତ୍ ବିଦ୍ୟମାନ । ଆମର ଶୋଇବା, ଉଠିବା, ବସିବା, ଚାଲିବା, କହିବା, ଶୁଣିବା ପ୍ରଭୃତି କ୍ରିୟାରେ ମଧ୍ୟ ବିନାଶାଭିମୁଖୀ କ୍ରିୟା (ନିବୃତ୍ତି) ନିରନ୍ତର ହେଉଛି । ଏହି ନିବୃତ୍ତି ନିତ୍ୟ ଅଟେ । ଏହାର କଦାପି ବିନାଶ ନାହିଁ । ଏହି ନିତ୍ୟ ନିବୃତ୍ତି ବିଷୟକୁ ହିଁ ଗୀତା **'ଗୁଣା ଗୁଣେଷୁ ବର୍ତ୍ତନ୍ତେ'** (୩ । ୨୮), **'ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତେ'** (୫ । ୯) ପ୍ରଭୃତି ପଦରେ କହିଛି ।

---

* ସମାଧିରେ ମଧ୍ୟ କ୍ରିୟା ହେଉଥାଏ, ନଚେତ୍ ସେଥିରୁ ବ୍ୟୁତ୍ଥାନ ହୁଅନ୍ତା କିପରି?

ଆମେ ପଦାର୍ଥର ପ୍ରାପ୍ତି ପାଇଁ ପ୍ରବୃତ୍ତି କରୁଛୁ, ମାତ୍ର ବାସ୍ତବରେ ପ୍ରାପ୍ତି ହେଉ ନାହିଁ, ବରଂ ନିବୃତ୍ତି ହିଁ ହେଉଛି । ଧରାଯାଉ ଧନ ପ୍ରାପ୍ତ ହେଲା, ତେବେ ବାସ୍ତବରେ ଧନ ନିବୃତ୍ତ ହୋଇଛି । କୌଣସି ବ୍ୟକ୍ତିର ପଚାଶ ବର୍ଷ ଧନୀ ରହିବାର ଯୋଗ ଅଛି ଏବଂ ସେଥିରୁ ବର୍ଷେ ବିତିଗଲା, ତେବେ ସେ ଆଉ ପଚାଶ ବର୍ଷ ଧନୀ ରହିବ ନାହିଁ, ତା'ର ଏକ ବର୍ଷର ଧନବତ୍ତା ନିବୃତ୍ତ ହୋଇଗଲା । ଏହିପରି ପ୍ରତ୍ୟେକ କ୍ରିୟା ନିରନ୍ତର ଆମଠାରୁ ନିବୃତ୍ତ ହେଉଛି ଅର୍ଥାତ୍ ପୃଥକ୍ ହେଉଛି । ମାତ୍ର ସଂଯୋଗ ପ୍ରତି ରୁଚି ଥିବାରୁ ଆମକୁ ନିବୃତ୍ତିରେ ମଧ୍ୟ ପ୍ରବୃତ୍ତି ଦୃଶ୍ୟ ହେଉଛି । ସଂଯୋଗର ରୁଚି ନଷ୍ଟ ହୋଇଗଲେ ନିତ୍ୟଯୋଗର ଉପଲବ୍ଧି ହୋଇଯିବ ।

ଆତ୍ମସ୍ୱରୂପରେ ଅଥବା ପରମାତ୍ମତତ୍ତ୍ୱରେ ସ୍ଥିତିର ନାମ ନିତ୍ୟଯୋଗ । ଏହି ନିତ୍ୟଯୋଗର ଉପଲବ୍ଧି ପାଇଁ ସମସ୍ତ ସାଧନା ଅଭିପ୍ରେତ । ଉକ୍ତ ନିତ୍ୟଯୋଗ ହିଁ ଗୀତାର ଯୋଗ, ଯାହାର ଦୁଇ ପ୍ରକାର ସଂଜ୍ଞା ପ୍ରଦାନ କରି ଭଗବାନ କହିଛନ୍ତି—(୧) ସମତାର ନାମ ଯୋଗ— **'ସମତ୍ୱଂ ଯୋଗ ଉଚ୍ୟତେ'** (୨ । ୪୮) ଏବଂ (୨) ଦୁଃଖସ୍ୱରୂପ ସଂସାର-ସଂଯୋଗର ବିୟୋଗର ନାମ ଯୋଗ—**'ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍'** (୬ । ୨୩) । ସମତା କୁହାଯାଉ ବା ସଂସାର-ସଂଯୋଗର ବିୟୋଗ କୁହାଯାଉ, ଏକା କଥା । ତାତ୍ପର୍ଯ୍ୟ ହେଲା, ସମତାରେ ସ୍ଥିତ ହୋଇଗଲେ ସଂସାର-ସଂଯୋଗର ବିୟୋଗ ହୋଇଯିବ ଏବଂ ସଂସାର-ସଂଯୋଗର ବିୟୋଗ ହୋଇଗଲେ ସମତାରେ ସ୍ଥିତି ହୋଇଯିବ । ଉଭୟ ମଧ୍ୟରୁ କୌଣସି ଗୋଟିଏ ହୋଇଗଲେ ନିତ୍ୟଯୋଗର ଉପଲବ୍ଧି ହୋଇଯିବ । ଏହାକୁ ଶାସ୍ତ୍ରରେ 'ମୂଳ-ଅବିଦ୍ୟାସହିତ ଜଗତ୍‌ର ନିବୃତ୍ତି' ଓ 'ପରମାନନ୍ଦପ୍ରାପ୍ତି' କୁହାଯାଇଛି । ଗୀତା ମୂଳ-ଅବିଦ୍ୟାସହିତ ଜଗତ୍‌ର ନିବୃତ୍ତିକୁ **'ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍'** କହିଛି ଏବଂ ପରମାନନ୍ଦପ୍ରାପ୍ତିକୁ

'ସମତ୍ୱଂ ଯୋଗ ଉଚ୍ୟତେ' କହିଛି। ମୂଳ-ଅବିଦ୍ୟାସହିତ ଜଗତ୍‌ର ନିବୃତ୍ତିର ନାମ ମଧ୍ୟ ଯୋଗ ଓ ପରମାନନ୍ଦପ୍ରାପ୍ତିର ନାମ ମଧ୍ୟ ଯୋଗ। ଉକ୍ତ ଯୋଗକୁ ପ୍ରାପ୍ତ କରିବାରେ ସଂଯୋଗ ପ୍ରତି ରୁଚି ଓ କ୍ରିୟା ପ୍ରତି ରୁଚି ହିଁ ମୁଖ୍ୟ ବିଘ୍ନ। ପଦାର୍ଥ ଭଲ ଲାଗୁଛି ଏବଂ କରିବା ଭଲ ଲାଗୁଛି—ଏହା ହିଁ ଅସୁବିଧା। ପଦାର୍ଥ ଓ କ୍ରିୟା ପ୍ରକୃତିର ସ୍ୱରୂପ। ଯଦି ପଦାର୍ଥ ଓ କ୍ରିୟାର ଆକର୍ଷଣ ନ ରହିବ, ତେବେ ଆପେ ଆପେ ଆମକୁ ଆମ ଅକ୍ରିୟ ସ୍ୱରୂପର ଅନୁଭବ ହେବ*। ମୂଳତଃ ପଦାର୍ଥର ସଂଯୋଗ ପ୍ରତି ରୁଚି ହିଁ ବିଘ୍ନ। କାରଣ ସଂଯୋଗ ପ୍ରତି ରୁଚି ରହିଲେ କ୍ରିୟା ପ୍ରତି ରୁଚି ଉତ୍ପନ୍ନ ହୁଏ, କ୍ରିୟା ପ୍ରତି ରୁଚି ହେଲେ କର୍ତ୍ତୃତ୍ୱାଭିମାନ ଆସେ ଏବଂ କର୍ତ୍ତୃତ୍ୱାଭିମାନରୁ ଦେହାଭିମାନ ଦୃଢ଼ ହୁଏ। ସଂଯୋଗ ପ୍ରତି ରୁଚି ନ ରହିଲେ କ୍ରିୟା ପ୍ରତି ରୁଚି ଉତ୍ପନ୍ନ ହେବ ନାହିଁ; କାରଣ କୌଣସି ନା କୌଣସି ପ୍ରୟୋଜନ ସିଦ୍ଧ କରିବା ପାଇଁ ହିଁ କ୍ରିୟା କରାଯାଏ।

ସଂଯୋଗ ପ୍ରତି ଥିବା ରୁଚି ନଷ୍ଟ ହେବ କିପରି? ଏହାର ତିନୋଟି ଉପାୟ ଅଛି—କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ❦। କର୍ମଯୋଗ

---

* ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ।
ସର୍ବସଂକଳ୍ପସନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ ॥

(ଗୀତା ୬।୪)

"ସମସ୍ତ ସଂକଳ୍ପ ତ୍ୟାଗ କରିଥିବା ମନୁଷ୍ୟ ଯେତେବେଳେ ଇନ୍ଦ୍ରିୟଭୋଗରେ ଓ କର୍ମରେ ଆସକ୍ତ ହୁଏ ନାହିଁ, ସେତେବେଳେ ତାକୁ ଯୋଗାରୂଢ଼ କୁହାଯାଏ।"

❦ ଯୋଗାସ୍ତ୍ରୟୋ ମୟା ପ୍ରୋକ୍ତା ନୃଣାଂ ଶ୍ରେୟୋବିଧିତ୍ସୟା।
ଜ୍ଞାନଂ କର୍ମ ଚ ଭକ୍ତିଶ୍ଚ ନୋପାୟୋଽନ୍ୟୋଽସ୍ତି କୁତ୍ରଚିତ୍ ॥

(ଶ୍ରୀମଭା. ୧୧।୨୦।୬)

"ଆତ୍ମକଲ୍ୟାଣ ଚାହୁଁଥିବା ମନୁଷ୍ୟ ପାଇଁ ମୁଁ ତିନୋଟି ଯୋଗମାର୍ଗ ଦର୍ଶାଇଛି—ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗ। ଏ ତିନୋଟି ବ୍ୟତୀତ କଲ୍ୟାଣର ଅନ୍ୟ କୌଣସି ମାର୍ଗ ନାହିଁ।"

ଅନୁସାରେ—ଯାହା କିଛି କ୍ରିୟା କରାଯାଉଛି, ତାହାକୁ ନିଜ ପାଇଁ ନ କରି ଅନ୍ୟମାନଙ୍କ ହିତ ପାଇଁ କରାଯିବା ଉଚିତ । ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀରର ସମସ୍ତ କ୍ରିୟା ଅନ୍ୟମାନଙ୍କର ହିତ ପାଇଁ କଲେ ନିଜ ଭିତରୁ କ୍ରିୟା ଓ ପଦାର୍ଥର ରୁଚି ନଷ୍ଟ ହୋଇଯିବ* । ଜ୍ଞାନଯୋଗ ଅନୁସାରେ—ସମସ୍ତ କ୍ରିୟା ପ୍ରକୃତି ଓ ତାହାର କାର୍ଯ୍ୟରେ ହିଁ ହେଉଛି, ଆତ୍ମସ୍ୱରୂପରେ କୌଣସି କ୍ରିୟା ହେଉ ନାହିଁ—ଏହି ବିବେକକୁ ମହତ୍ତ୍ୱ ଦେଲେ ଉକ୍ତ ରୁଚି ନଷ୍ଟ ହୋଇଯିବ । ଭକ୍ତିଯୋଗ ଅନୁସାରେ—ସମସ୍ତ କ୍ରିୟା ଭଗବାନଙ୍କର ପ୍ରସନ୍ନତା ପାଇଁ କଲେ ଉକ୍ତ ରୁଚି ନଷ୍ଟ ହୋଇଯିବ । ଏହିରୂପେ କ୍ରିୟାଗୁଡ଼ିକୁ ସଂସାର ପାଇଁ କରାଯାଇପାରେ, ପ୍ରକୃତିରେ ଘଟିତ ମାନି ନିଆଯାଇପାରେ ଅଥବା ଭଗବାନଙ୍କ ପାଇଁ କରାଯାଇପାରେ । କ୍ରିୟାଗୁଡ଼ିକ ସହିତ କୌଣସି ସମ୍ବନ୍ଧ ସ୍ୱୀକାର କରନ୍ତୁ ନାହିଁ; କାରଣ ସମ୍ବନ୍ଧ ସ୍ୱୀକାର କରିବା ଦ୍ୱାରା ହିଁ ନିଜଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଆସେ । କ୍ରିୟାଗୁଡ଼ିକ ସହିତ ନିଜର ସମ୍ବନ୍ଧ ସ୍ୱୀକାର ନ କଲେ କରିବା ଓ ପାଇବାର ରୁଚି ନଷ୍ଟ ହୋଇଯିବ ଏବଂ ନିତ୍ୟଯୋଗର ଉପଲବ୍ଧି ହୋଇଯିବ ।

ଆମକୁ ଭୋଗ ମିଳିଯାଉ, ପଦାର୍ଥ ମିଳିଯାଉ, ଟଙ୍କା ମିଳିଯାଉ—

---

* କ୍ରିୟା, କର୍ମ ଓ କର୍ମଯୋଗ ମଧ୍ୟରେ ପ୍ରଭେଦ ରହିଛି । ଶରୀର ବାଳକରୁ ଯୁବକ ଓ ଯୁବକରୁ ବୃଦ୍ଧ ହୁଏ—ଏହା କ୍ରିୟା । କ୍ରିୟା ଯୋଗୁଁ ପାପ ହୁଏ ନାହିଁ କି ପୁଣ୍ୟ ହୁଏ ନାହିଁ, ବନ୍ଧନ ହୁଏ ନାହିଁ କି ମୁକ୍ତି ହୁଏ ନାହିଁ । ଯଥା—ଗଙ୍ଗା ପ୍ରବାହିତ ହେବା କ୍ରିୟା ଅଟେ । ସେଥିରେ କେହି ବୁଡ଼ି ମରିଗଲେ ଅଥବା କୃଷି ଆଦି ପରୋପକାର କାର୍ଯ୍ୟ ହେଲେ ଗଙ୍ଗାର ପାପ ବା ପୁଣ୍ୟ ହୁଏ ନାହିଁ । ଯେତେବେଳେ ମନୁଷ୍ୟ କ୍ରିୟା ସହିତ ସମ୍ପର୍କ ସ୍ଥାପିତ କରି କର୍ତ୍ତା ହୋଇଯାଏ, ସେତେବେଳେ ସେହି କ୍ରିୟା ଫଳଜନକ କର୍ମରେ ପରିଣତ ହୋଇଯାଏ । କର୍ମ ଯୋଗୁଁ ବନ୍ଧନ ହୁଏ । କର୍ମବନ୍ଧନରୁ ମୁକ୍ତି ପାଇବା ପାଇଁ ଯେତେବେଳେ ମନୁଷ୍ୟ ନିଃସ୍ୱାର୍ଥଭାବରେ କେବଳ ପରହିତ ପାଇଁ କର୍ମ କରେ, ସେତେବେଳେ ତାହା କର୍ମଯୋଗ ହୁଏ । କର୍ମଯୋଗ ଦ୍ୱାରା ବନ୍ଧନ ଛିନ୍ନ ହୁଏ ଓ ମୁକ୍ତି ହୁଏ—'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ' (ଗୀତା ୪ । ୨୩); 'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ' (ଗୀତା ୩ । ୯) ।

ଏହିରୂପେ ସଂଯୋଗ ପ୍ରତି ରୁଚି ତ ରହୁଛି, କିନ୍ତୁ ସଂଯୋଗ ରହୁ ନାହିଁ। କାରଣ ସଂସାରର ବିୟୋଗ ନିତ୍ୟ। ଯାହାର ବିୟୋଗ ନିତ୍ୟ, ତାହାର ସଂଯୋଗ ରହନ୍ତା ବା କିପରି? ସଂସାରମାତ୍ରକେ ନିରନ୍ତର ଆମ ସ୍ୱରୂପଠାରୁ ସ୍ୱତଃ ବିଯୁକ୍ତ ହେଉଛି। ପୂର୍ବରୁ ବିୟୋଗ ଥିଲା, ପରେ ମଧ୍ୟ ବିୟୋଗ ରହିବ ଏବଂ ବର୍ତ୍ତମାନର ସଂଯୋଗ ସମୟରେ ମଧ୍ୟ ତାହାର ନିରନ୍ତର ବିୟୋଗ ହେଉଛି। ତାତ୍ପର୍ଯ୍ୟ ହେଲା, ସଂସାରର ବିୟୋଗ ହିଁ ସତ୍ୟ। ବିୟୋଗ ହେବା ପରେ ପୁନର୍ବାର ଯେ ସଂଯୋଗ ହେବ, ଏହାର କୌଣସି ଠିକଣା ନାହିଁ, କିନ୍ତୁ ସଂଯୋଗର ବିୟୋଗ ଅବଶ୍ୟମ୍ଭାବୀ; କାରଣ ସଂସାରର ସଂଯୋଗ ଅନିତ୍ୟ ଓ ବିୟୋଗ ନିତ୍ୟ।

ସଂସାର ସଂଯୋଗରେ କେବଳ ଦୁଃଖ ହିଁ ପରିପୂର୍ଣ୍ଣ। ଏଥିପାଇଁ ଭଗବାନ ସଂସାରକୁ ଦୁଃଖରୂପ କହିଛନ୍ତି—'**ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍**' (୬ । ୨୩); '**ଦୁଃଖାଳୟମ୍**' (୮ । ୧୫)। ପ୍ରତ୍ୟେକ ସଂଯୋଗର ବିୟୋଗ ଅବଶ୍ୟ ହୁଏ; ଏବଂ ବିୟୋଗରେ ଦୁଃଖ ହେଉଥିବା କଥା ସମସ୍ତଙ୍କୁ ଜଣା। ଯଦି ଆମେ ସଂଯୋଗର ଇଚ୍ଛା ଛାଡ଼ିଦେବା, ତେବେ ଆମକୁ ତାହାର ବିୟୋଗର ଦୁଃଖ ହେବ ନାହିଁ। ସଂଯୋଗର ଇଚ୍ଛା ହିଁ ଦୁଃଖର ଘର। ସଂଯୋଗ ପାଇଁ ଇଚ୍ଛା କାହିଁକି ହୁଏ? କାରଣ, ସଂଯୋଗଜନିତ ସୁଖ ଭୋଗିବା ଦ୍ୱାରା ଆମ ଅନ୍ତଃକରଣରେ ତାହାର ସଂସ୍କାର ରହିଯାଉଛି, ଯାହାକୁ ବାସନା କହନ୍ତି। ପୁନର୍ବାର ଯେତେବେଳେ ଭୋଗ୍ୟବସ୍ତୁ ସମ୍ମୁଖକୁ ଆସୁଛି, ସେତେବେଳେ ସେହି ବାସନା ଜାଗ୍ରତ ହୋଇଯାଉଛି, ଫଳରେ ସଂଯୋଗର ରୁଚି ଉତ୍ପନ୍ନ ହେଉଛି। ସଂଯୋଗର ରୁଚିରୁ ଇଚ୍ଛା ଉତ୍ପନ୍ନ ହୋଇଯାଉଛି। ଏଣୁ ଭଗବାନ କହିଛନ୍ତି ଯେ ସମସ୍ତ ସଂଯୋଗଜନିତ ସୁଖ ଆଦିଅନ୍ତଯୁକ୍ତ ଓ ଦୁଃଖର କାରଣ ଅର୍ଥାତ୍ ସେଥିରୁ କେବଳ ଦୁଃଖ ହିଁ ସୃଷ୍ଟି ହୁଏ। ଏଥିପାଇଁ ବିବେକୀ ମନୁଷ୍ୟ ସେଥିରେ ରମଣ

କରେ ନାହିଁ*। କାରଣ ସଂଯୋଗଜନିତ ସୁଖର ବିୟୋଗ ଅବଶ୍ୟମ୍ଭାବୀ। ସେଥିରେ ରମଣ କରିବାକୁ ଇଚ୍ଛା କଲେ ନିଶ୍ଚୟ ତାହା ଦୁଃଖ ଦେବ।

ସମସ୍ତ ପ୍ରାକୃତ ପଦାର୍ଥ ଓ କ୍ରିୟାର ନିରନ୍ତର ଆମ ସ୍ୱରୂପଠାରୁ ବିୟୋଗ ହେଉଛି। ଏହି ବିୟୋଗ କରିବାକୁ ପଡ଼େ ନାହିଁ, ବରଂ ସ୍ୱତଃ ଓ ସ୍ୱାଭାବିକଭାବେ ହୁଏ। ଉକ୍ତ ବିୟୋଗକୁ ସ୍ୱୀକାର କରିନେଲେ ଅର୍ଥାତ୍ ସଂଯୋଗକାଳରେ ବିୟୋଗର ଅନୁଭବ କରିନେଲେ ସଂଯୋଗର ଇଚ୍ଛା ନଷ୍ଟ ହୋଇଯିବ। ସଂଯୋଗର ଇଚ୍ଛା ନଷ୍ଟ ହେବାମାତ୍ରେ ଯୋଗପ୍ରାପ୍ତି ଆପେ ଆପେ ହୋଇଯିବ। ଯୋଗପ୍ରାପ୍ତି କରିବା ପାଇଁ କିଛି କରିବାକୁ ପଡ଼ିବ ନାହିଁ; କାରଣ ଯୋଗ ସ୍ୱାଭାବିକଭାବେ ପ୍ରାପ୍ତ। ଶରୀରର ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ମୂର୍ଚ୍ଛା ଓ ସମାଧି ଅବସ୍ଥାରେ ଏବଂ ସୃଷ୍ଟିର ସର୍ଗ, ପ୍ରଳୟ, ମହାସର୍ଗ ଓ ମହାପ୍ରଳୟ ଅବସ୍ଥାରେ ମଧ୍ୟ ଯୋଗ ଯଥାବତ୍ ବିଦ୍ୟମାନ। ସମସ୍ତ ସ୍ଥାନ, କାଳ, କ୍ରିୟା, ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ପ୍ରଭୃତିରେ ଯଥାବତ୍ ରହୁଥିବାରୁ ଏହାକୁ ନିତ୍ୟଯୋଗ କହନ୍ତି।

ଯାହା ନିରନ୍ତର ବିଯୁକ୍ତ ହେଉଛି, ତାହାର ସଂଯୋଗର ଇଚ୍ଛା ଛାଡ଼ିଦେଲେ ଯୋଗପ୍ରାପ୍ତି ହୋଇଯିବ ଅଥବା 'ବିଦ୍ୟମାନ'ରୂପୀ ପରମାତ୍ମତତ୍ତ୍ୱରେ ସ୍ଥିତ ହୋଇଗଲେ ଯୋଗପ୍ରାପ୍ତି ହୋଇଯିବ ଏବଂ ସଂସାରର ବିୟୋଗ ମଧ୍ୟ ସ୍ୱତଃ ହୋଇଯିବ। ଦୁଇଟି ମଧ୍ୟରୁ କୌଣସି ଗୋଟିଏ କରିଦେଲେ ଦୁଇଟିଯାକ ଆପେ ଆପେ ହୋଇଯିବ। ଏଥିରେ ଏକ ମାର୍ମିକ କଥା ହେଲା, ଯାହା ପୂର୍ବରୁ ପୃଥକ୍ ଥିଲା ଓ ବର୍ତ୍ତମାନ ପୃଥକ୍ ହେଉଛି, ତା'ଠାରୁ ହିଁ ପୃଥକ୍ ହେବାକୁ ପଡ଼ିବ; ଏବଂ ଯାହା ପୂର୍ବରୁ ପ୍ରାପ୍ତ, ତାହାକୁ ହିଁ ପ୍ରାପ୍ତ କରିବାକୁ ହେବ। ଯେହେତୁ ଆମକୁ

---

* ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ॥

(ଗୀତା ୫।୨୨)

ସଂସାରରୁ ପୃଥକ୍ ହେବାକୁ ପଡ଼ିବ, ଏହାର ଅର୍ଥ ସଂସାର ଆମଠାରୁ ସର୍ବଦା ପୃଥକ୍ ଏବଂ ଯେହେତୁ ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ପଡ଼ିବ, ଏହାର ଅର୍ଥ ପରମାତ୍ମା ସମସ୍ତଙ୍କୁ ସର୍ବଦା ପ୍ରାପ୍ତ । ସାରାଂଶ ହେଲା, ସଂସାରର ବିୟୋଗ ଓ ପରମାତ୍ମାଙ୍କ ସହ ନିତ୍ୟଯୋଗ କ୍ରିୟାସାଧ୍ୟ ନୁହେଁ, ବରଂ ସହଜ ତଥା ସ୍ୱାଭାବିକ । କେବଳ ସ୍ୱୀକୃତ ସଂଯୋଗ ପ୍ରତି ଥିବା ରୁଚିକୁ ନଷ୍ଟ କରିବା ଦରକାର । ଅତଏବ ସ୍ୱୀକୃତ ସଂଯୋଗର ରୁଚିକୁ ନଷ୍ଟ କରିଦିଅନ୍ତୁ, ନଚେତ୍ ପରମାତ୍ମାଙ୍କ ସଙ୍ଗେ ଯେଉଁ ନିତ୍ୟଯୋଗ ପୂର୍ବରୁ ଥିଲା, ପରେ ରହିବ ତଥା ବର୍ତ୍ତମାନ ମଧ୍ୟ ଅଛି, ତାହା ସହିତ ପରିଚିତ ହୋଇଯାଆନ୍ତୁ ।

□□

୩. ଭଗବାନଙ୍କ ପ୍ରତି ଆତ୍ମୀୟତା

ବାସ୍ତବରେ କୌଣସି ମନୁଷ୍ୟ ଅନାଥ ନୁହେଁ, ସମସ୍ତେ ସନାଥ। ସଂସାରରେ ପ୍ରତ୍ୟେକ ବସ୍ତୁର କେହି ନା କେହି ମାଲିକ ଅଛି, ପୁଣି ମନୁଷ୍ୟର ଯେ ମାଲିକ କେହି ନ ଥିବ, ଏହା କ'ଣ ସମ୍ଭବ? ଯେ ସମସ୍ତଙ୍କର ମାଲିକ, ସେହି ଭଗବାନ ଆମର ମଧ୍ୟ ମାଲିକ। ଆମେ ତାଙ୍କୁ ଆମର ମାଲିକ ମାନିପାରୁ ବା ନ ମାନିପାରୁ, ଜାଣିପାରୁ ବା ନ ଜାଣିପାରୁ, କିନ୍ତୁ ସେ ଆମକୁ ଆପଣାର ବୋଲି ଜାଣନ୍ତି। ଏଣୁ ନିଜକୁ ଅନାଥ ଭାବିବା ଆମର ଭୁଲ୍।

ମନୁଷ୍ୟ ନିଜକୁ ଅନାଥ ଅନୁଭବ କରୁଛି କାହିଁକି? କାରଣ, ସେ ବସ୍ତୁ ବା ବ୍ୟକ୍ତିକୁ ନିଜର ମାନିନେଉଛି ଏବଂ ସେହି ବସ୍ତୁ ବା ବ୍ୟକ୍ତି ନ ରହିଲେ ନିଜକୁ ଅନାଥ ଅନୁଭବ କରୁଛି। ସାଧାରଣତଃ ମନୁଷ୍ୟ ଯେତେବେଳେ ନିଜକୁ କୌଣସି ବସ୍ତୁ ବା ବ୍ୟକ୍ତିର ମାଲିକ ମାନିନିଏ, ସେତେବେଳେ ସେ ନିଜ ମାଲିକକୁ ଭୁଲିଯାଏ। ଉଦାହରଣସ୍ୱରୂପ— ଶିଶୁ ମାଆ ବିନା ରହିପାରେ ନାହିଁ, କିନ୍ତୁ ସେହି ଶିଶୁ ବଡ଼ ହୋଇ ଯେତେବେଳେ ସ୍ତ୍ରୀ, ପୁତ୍ର ପ୍ରଭୃତିଙ୍କୁ ନିଜର ମାନିନିଏ, ସେତେବେଳେ ସେ ନିଜ ମାଆକୁ ଉପେକ୍ଷା କରେ। ଏଥିପାଇଁ ଗୀତାରେ ଭଗବାନ ଶରୀରକୁ ନିଜର ମାନୁଥିବା ଅର୍ଥାତ୍ ନିଜକୁ ଶରୀରର ସ୍ୱାମୀ ମାନୁଥିବା ଜୀବାତ୍ମାକୁ 'ଈଶ୍ୱର' ନାମରେ ନାମିତ କରିଛନ୍ତି—**'ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ'** (୧୫ । ୮) । ମନୁଷ୍ୟ ଯଦି ଭଗବାନଙ୍କ ବ୍ୟତୀତ ଅନ୍ୟ କାହାକୁ ନିଜର ନ ମାନିବ, ତେବେ ତାହାର ଭ୍ରମପୂର୍ଣ୍ଣ ଅନାଥପଣିଆର ସ୍ୱୀକୃତି ନଷ୍ଟ ହୋଇଯିବ ଓ ସେ ନିଜକୁ ସନାଥ ଅନୁଭବ କରିବ।

ବସ୍ତୁତଃ ଭଗବାନ ସଦାକାଳରୁ ହିଁ ଆମର ଆପଣାର। ସଂସାର ପୂର୍ବରୁ ଆପଣାର ନ ଥିଲା, ପରେ ଆପଣାର ହୋଇ ରହିବ ନାହିଁ ଏବଂ ଏବେ ମଧ୍ୟ ତାହା ନିରନ୍ତର ଆମଠାରୁ ବିଯୁକ୍ତ ହେଉଛି। ମାତ୍ର ଭଗବାନ

ପୂର୍ବରୁ ମଧ୍ୟ ଆପଣାର ଥିଲେ, ପରେ ମଧ୍ୟ ଆପଣାର ହୋଇ ରହିବେ ଏବଂ ବର୍ତ୍ତମାନ ମଧ୍ୟ ଆପଣାର । ସେ ଆମକୁ କଦାପି ନ ମିଳିଲେ ମଧ୍ୟ ଆପଣାର, ସମ୍ପୂର୍ଣ୍ଣ ମିଳିଗଲେ ମଧ୍ୟ ଆପଣାର ଏବଂ କେବେ କେବେ ମିଳିଲେ ଓ କେବେ କେବେ ନ ମିଳିଲେ ମଧ୍ୟ ଆପଣାର । ମାତ୍ର ସଂସାର ସମ୍ପୂର୍ଣ୍ଣ ମିଳିଥିବା ପରି ଦେଖାଯାଉଥିଲେ ମଧ୍ୟ ଆପଣାର ନୁହେଁ । କାରଣ ଯାହା ସର୍ବଦା ଆମ ସହିତ ରହି ପାରିବ ନାହିଁ ଏବଂ ଆମେ ଯାହା ସହିତ ସର୍ବଦା ରହି ପାରିବା ନାହିଁ, ତାହା ଆପଣାର ହେବା ଅସମ୍ଭବ । ଯେ ସର୍ବଦା ଆମ ସହିତ ରହୁଥିବେ ଏବଂ ଆମେ ଯାହାଙ୍କ ସହିତ ସର୍ବଦା ରହୁଥିବା ଅର୍ଥାତ୍ ଯେ ଆମଠାରୁ କଦାପି ଦୂର ହେଉ ନ ଥିବେ ଏବଂ ଆମେ ଯାହାଙ୍କଠାରୁ କଦାପି ଦୂର ହେଉ ନ ଥିବା, ସେହି ଭଗବାନ ହିଁ ଆପଣାର ହେବା ସମ୍ଭବ ।

ବଡ଼ ଆଶ୍ଚର୍ଯ୍ୟର କଥା ଯେ ସଂସାରରେ ଆମେ ଯାହାକୁ ଆପଣାର ମାନୁଛୁ, ତାହା ତ ରହୁ ନାହିଁ, କିନ୍ତୁ ତାହା ସହ ସ୍ୱୀକାର କରାଯାଇଥିବା ଆତ୍ମୀୟତା ରହିଯାଉଛି ଅର୍ଥାତ୍ ସମ୍ବନ୍ଧୀ ତ ରହୁ ନାହିଁ, କିନ୍ତୁ ସମ୍ବନ୍ଧ ରହିଯାଉଛି! ଉଦାହରଣସ୍ୱରୂପ—ବହୁ ବର୍ଷ ପୂର୍ବରୁ ବିଧବା ହୋଇଥିବା କୌଣସି ସ୍ତ୍ରୀଲୋକ ତା' ସ୍ୱାମୀର ନାମ ଶୁଣିବାମାତ୍ରେ ଟିକେ ସଚେତନ ହୋଇଯାଏ ଅର୍ଥାତ୍ ସ୍ୱାମୀ ନ ଥିଲେ ମଧ୍ୟ ତାହାର ସ୍ୱାମୀ ସହିତ ସମ୍ବନ୍ଧ ରହିଥାଏ ଯେ, ମୁଁ ଅମୁକର ସ୍ତ୍ରୀ । ଏଠାରେ ସନ୍ଦେହ ଜାତ ହୋଇପାରେ ଯେ ପିତା ନ ଥିଲେ ଯଦି ପୁତ୍ର ପିତାଙ୍କ ସହିତ ସମ୍ବନ୍ଧ ନ ମାନିବ, ତେବେ ଶାସ୍ତ୍ରବିଧି ଅନୁସାରେ ଶ୍ରାଦ୍ଧତର୍ପଣ କିପରି କରିବ? ଏହାର ସମାଧାନ ହେଲା—ନିଜର ସ୍ୱାର୍ଥ ଓ ସୁଖଭୋଗ ଉଦ୍ଦେଶ୍ୟରେ ସ୍ୱୀକୃତ ସମ୍ବନ୍ଧ ହିଁ ବନ୍ଧନକାରକ । ପିତୃଋଣ ପରିଶୋଧ କରିବା ପାଇଁ ଓ ସେବା କରିବା ପାଇଁ ସ୍ୱୀକାର କରାଯାଇଥିବା ସମ୍ବନ୍ଧ ବନ୍ଧନକାରକ ନୁହେଁ, ବରଂ ଏହା ସମ୍ବନ୍ଧ ଛିନ୍ନ କରେ* ।

* ଋଣୀ ଓ ଅପରାଧୀର ଶୀଘ୍ର ମୁକ୍ତି ହୁଏ ନାହିଁ । ଫଳଭୋଗ ଦ୍ୱାରା ଅଥବା ଦାନପୁଣ୍ୟାଦି ଶୁଭକର୍ମ ଦ୍ୱାରା ପାପ ନଷ୍ଟ ହୋଇଯାଏ, କିନ୍ତୁ ଋଣ ଓ ଅପରାଧ ନଷ୍ଟ ହୁଏ

ତାତ୍ପର୍ଯ୍ୟ ଏହି ଯେ ଯଦି ବସ୍ତୁ ଆପଣାର ମନେ ହେଉଛି, ତେବେ କେବଳ ଅନ୍ୟମାନଙ୍କର ସେବାରେ ବିନିଯୋଗ କରିବା ପାଇଁ ଓ ସଦୁପଯୋଗ କରିବା ପାଇଁ ତାହା ଆପଣାର । ଯଦି ବ୍ୟକ୍ତି ଆପଣାର ମନେ ହେଉଛନ୍ତି, ତେବେ କେବଳ ନିଃସ୍ୱାର୍ଥଭାବରେ ସେମାନଙ୍କର ସେବା କରିବା ପାଇଁ ସେମାନେ ଆପଣାର । ନିଜ ପାଇଁ କିଛି ବି ଆପଣାର ନୁହେଁ । ନିଜର ସୁଖ ଓ ଆରମ ପାଇଁ ବସ୍ତୁ, ବ୍ୟକ୍ତି ପ୍ରଭୃତିଙ୍କୁ ଆପଣାର ମାନିବା ଜନ୍ମମରଣର କାରଣ—**'କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ'** (ଗୀତା ୧୩ । ୨୧) । ଏଣୁ ଯେ ସଂସାରରେ କିଛି ବି ଆପଣାର ମନେକରେ, ତାକୁ କିଛି ମିଳେ ନାହିଁ ଏବଂ ଯେ କିଛି ବି ଆପଣାର ମନେକରେ ନାହିଁ, ତାକୁ ସବୁକିଛି ମିଳେ ଅର୍ଥାତ୍ ଭଗବାନ ମିଳିଯାଆନ୍ତି ।

ନିଜର ବୁଦ୍ଧି, ବିଗ୍ରହ ଓ ସାମର୍ଥ୍ୟ ବଳରେ ବସ୍ତୁଗୁଡ଼ିକର ଦୁରୁପଯୋଗ ନ କରି ସଦୁପଯୋଗ କଲେ ବସ୍ତୁଗୁଡ଼ିକ ସହିତ ସ୍ୱୀକୃତ ସମ୍ବନ୍ଧ ନଷ୍ଟ ହୋଇଯାଏ । ସମ୍ବନ୍ଧ ନଷ୍ଟ ହୋଇଗଲେ ମୁକ୍ତି ହୋଇଯାଏ । ଏଠାରେ ସନ୍ଦେହ ହୁଏ ଯେ ସଂସାରରୁ ସମ୍ବନ୍ଧ ଛିନ୍ନ ହେବା ପରେ ମଧ୍ୟ ଜୀବନ୍ମୁକ୍ତ ମହାପୁରୁଷ ଅନ୍ୟମାନଙ୍କ ସେବା(ହିତ)ରେ କାହିଁକି ନିୟୋଜିତ ରହନ୍ତି? ଏହାର ସମାଧାନ ହେଲା, ସାଧନାବସ୍ଥାରୁ ହିଁ ତାଙ୍କଠାରେ ପ୍ରାଣୀମାନଙ୍କର ହିତ କରିବାର ସ୍ୱଭାବ ରହି ଆସିଛି—**'ସର୍ବଭୂତହିତେ ରତାଃ'** (ଗୀତା ୫ । ୨୫, ୧୨ । ୪), ଏଥିପାଇଁ କିଛି ବି କରିବା, ଜାଣିବା ଓ ପାଇବା ବାକି ନ ଥିଲେ ମଧ୍ୟ ସେମାନଙ୍କ ଠାରେ ସମସ୍ତଙ୍କର ହିତ କରିବାର ସ୍ୱଭାବ ରହିଥାଏ—**'ସ୍ୱଭାବସ୍ତୁ ପ୍ରବର୍ତ୍ତତେ'** (ଗୀତା ୫ । ୧୪) । ତାତ୍ପର୍ଯ୍ୟ ହେଲା,

---

ନାହିଁ । ଯେଉଁ ବ୍ୟକ୍ତିଠାରୁ ନିଆଯାଇଥାଏ ଅଥବା ଯେଉଁ ବ୍ୟକ୍ତି ପ୍ରତି ଅପରାଧ କରାଯାଇଥାଏ, ସେ କ୍ଷମା କରିଦେଲେ ଋଣ ଓ ଅପରାଧରୁ ମୁକ୍ତି ମିଳେ । ପ୍ରକୃତରେ ସଂସାରକୁ ନିଜର ମାନିବା ଯୋଗୁଁ ହିଁ ମନୁଷ୍ୟ ଋଣୀ, ଦାସ, ଅନାଥ, ତୁଚ୍ଛ ଓ ପତିତ ହୋଇଥାଏ । ଯେ ସଂସାରରେ କିଛି ବି ନିଜର ମନେକରେ ନାହିଁ, ସେ କାହାରି ଋଣୀ ଓ ଅପରାଧୀ ହୋଇ ନ ଥାଏ; କାରଣ ଆଧାର ନ ରହିଲେ ଋଣ, ଅପରାଧ ପ୍ରଭୃତି କାହା ଉପରେ ଅବଲମ୍ବିତ ହେବ—'ମୂଳାଭାବେ କୁତଃ ଶାଖା'?

ଅନ୍ୟମାନଙ୍କର ହିତ କରି କରି ଯେତେବେଳେ ସେମାନଙ୍କର ସଂସାରରୁ ସମ୍ବନ୍ଧ ଛିନ୍ନ ହୋଇଯାଏ, ସେତେବେଳେ ସେମାନଙ୍କୁ ଆଉ ହିତ କରିବାକୁ ପଡ଼େ ନାହିଁ, ବରଂ ସେମାନଙ୍କ ଦ୍ୱାରା ପୂର୍ବର ସ୍ୱଭାବ ଅନୁସାରେ ଆପେ ଆପେ ହିତ ହୁଏ ।

ଭଗବାନଙ୍କ ବ୍ୟତୀତ ଆମେ ଆଉ ଯାହାକୁ ଆପଣାର ମାନିନେଉ, ତାହା ଅଶୁଦ୍ଧ ହୋଇଯାଏ; କାରଣ ମମତା ହିଁ ମଳ (ଅଶୁଦ୍ଧି)— *'ମମତା ମଲ ଜରି ଜାଇ'* (ମାନସ ୭ । ୧୧୭ କ) । କେବଳ ଏତିକି ନୁହେଁ, ତାହାକୁ ନିଜର ମାନି ଆମେ ତାହାର ସ୍ୱାମୀ ହେବାକୁ ଚାହୁଁ, ମାତ୍ର ପ୍ରକୃତରେ ତାହାର ଦାସ ହୋଇଯାଉ; ତାହାକୁ ଠିକ୍ କରିବାକୁ ଚାହୁଁ, କିନ୍ତୁ ତାହା ବେଠିକ୍ ହୋଇଯାଏ । ଆମେ ଯେଉଁ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି, ଅହମ୍ ତଥା ସ୍ତ୍ରୀ, ପୁତ୍ର, କୁଟୁମ୍ବ, ଧନ, ଜମିବାଡ଼ି, ଘରଦ୍ୱାର ପ୍ରଭୃତିକୁ ନିଜର ମନେକରୁ, ସେ ସମସ୍ତେ ଅଶୁଦ୍ଧ ହୋଇଯାଆନ୍ତି ଏବଂ ସେମାନଙ୍କର ମାର୍ଜିତ ହେବାରେ ବିଘ୍ନ ଉପସ୍ଥିତ ହୁଏ । କିନ୍ତୁ ସେମାନଙ୍କୁ ନିଜର ନ ମାନିଲେ, ସେମାନେ ଭଗବାନଙ୍କ ଶକ୍ତିଦ୍ୱାରା ଶୁଦ୍ଧ ହୋଇଯାଆନ୍ତି, ପ୍ରସାଦ ହୋଇଯାଆନ୍ତି ଓ ସେମାନଙ୍କ ଠାରେ ବୈଚିତ୍ର୍ୟ ଆସିଯାଏ; କାରଣ ସେମାନେ ବସ୍ତୁତଃ ଭଗବାନଙ୍କର ।

ସାରକଥା ହେଲା, ନିଜର ମାନିଲେ ବସ୍ତୁ ଅଶୁଦ୍ଧ ହୁଏ ଏବଂ ଆମେ ଅନାଥ ତଥା ପରାଧୀନ ହୋଇଯାଉ । ବସ୍ତୁକୁ ନିଜର ନ ମାନିଲେ ତାହା ଶୁଦ୍ଧ ହୋଇଯିବ ଏବଂ ଆମେ ସନାଥ ଓ ସ୍ୱାଧୀନ ବୋଲି ଆମକୁ ଅନୁଭବ ହେବ ।

□□

୪. ଜିଜ୍ଞାସା ଓ ବୋଧ

ଜିଜ୍ଞାସାର ବିଷୟ ବାସ୍ତବରେ ଜୀବ ଓ ଜଗତ, ପରମାତ୍ମା ଜିଜ୍ଞାସାର ବିଷୟ ନୁହନ୍ତି । କାରଣ ଜିଜ୍ଞାସା ଅପୂର୍ଣ୍ଣ ଜ୍ଞାନ(ସନ୍ଦେହ)ରୁ ହିଁ ଉତ୍ପନ୍ନ ହୋଇଥାଏ ଅର୍ଥାତ୍ ଯେଉଁ ବିଷୟରେ ଆମେ କିଛି ଜାଣି ଥାଉ ଓ କିଛି ଜାଣି ନ ଥାଉ, ସେଠାରେ ହିଁ ଜିଜ୍ଞାସା ହୁଏ* । ଯେଉଁ ବିଷୟ ଆମେ ଆଦୌ ଜାଣି ନାହୁଁ, ସେ ବିଷୟରେ ଜିଜ୍ଞାସା ହୁଏ ନାହିଁ ଏବଂ ଯେଉଁ ବିଷୟ ଆମେ ପୂର୍ଣ୍ଣରୂପେ ଜାଣିଛୁ, ସେ ବିଷୟରେ ମଧ୍ୟ ଜିଜ୍ଞାସା ହୁଏ ନାହିଁ; କାରଣ ସେ ବିଷୟରେ ଅନୁଭବ ହୋଇଥାଏ । ପରମାତ୍ମାଙ୍କ ବିଷୟରେ ଆମେ ଆଦୌ କିଛି ଜାଣି ନାହୁଁ, ତେଣୁ ପରମାତ୍ମା ଜିଜ୍ଞାସା ବା ବିଗ୍ୱରର ବିଷୟ ନୁହନ୍ତି, ବରଂ ସେ ମାନିନେବାର ବିଷୟ । ଜୀବ ଓ ସଂସାରକୁ ଆମେ ପୂର୍ଣ୍ଣରୂପେ ଜାଣି ନାହୁଁ; ଯଥା—'ମୁଁ ଅଛି ଓ ସଂସାର ଅଛି' ଏ କଥା ତ ଜାଣିଛୁ, କିନ୍ତୁ 'ମୁଁ କ'ଣ ଓ ସଂସାର କ'ଣ' ଏ କଥା ତାତ୍ତ୍ୱିକ ଦୃଷ୍ଟିରୁ ଜାଣି ନାହୁଁ । ଅତଏବ ଜୀବ ଓ ସଂସାର ହିଁ ଜିଜ୍ଞାସାର ବିଷୟ ।

ଯଦ୍ୟପି ଶାସ୍ତ୍ରରେ ପରମାତ୍ମାଙ୍କୁ ମଧ୍ୟ ଜିଜ୍ଞାସାର ବିଷୟରୂପେ ସ୍ୱୀକାର କରାଯାଇଛି—'ଜଗଜ୍ଜୀବପରାତ୍ମନାମ୍', ତଥାପି ସେ ଜିଜ୍ଞାସାର ବିଷୟ ସେହିମାନଙ୍କ ପାଇଁ, ଯେଉଁମାନେ ବେଦାଦି ଶାସ୍ତ୍ରମାନଙ୍କ ଉପରେ ଓ ଭକ୍ତମାନଙ୍କ ଉପରେ ଶ୍ରଦ୍ଧାବିଶ୍ୱାସ ରଖନ୍ତି । ବେଦାଦି ଶାସ୍ତ୍ରମାନଙ୍କରେ ଓ ସନ୍ଥବାଣୀରେ ପରମାତ୍ମାଙ୍କର ଯେଉଁ ବର୍ଣ୍ଣନା କରାଯାଇଛି, ସେହି ବର୍ଣ୍ଣନାକୁ ଆଧାର କରି ସେମାନଙ୍କର ପରମାତ୍ମାଙ୍କ ସମ୍ବନ୍ଧରେ ଜିଜ୍ଞାସା ହୁଏ । ତାତ୍ପର୍ଯ୍ୟ ହେଲା, ଯେଉଁମାନେ ଶାସ୍ତ୍ର ଓ ସନ୍ଥଙ୍କୁ ମାନନ୍ତି, ସେମାନଙ୍କ ମନରେ ଜିଜ୍ଞାସା ଉତ୍ପନ୍ନ ହୁଏ । ଶାସ୍ତ୍ରରେ ଉଲ୍ଲେଖ ଅଛି ଏବଂ ଭକ୍ତମାନଙ୍କ ଠାରୁ ଶୁଣାଯାଇଛି, ଅଥଚ ଅନୁଭବ ନାହିଁ—ଏହି କାରଣରୁ ଜିଜ୍ଞାସା ହୁଏ । ଯେଉଁମାନେ ବେଦାଦି ଶାସ୍ତ୍ରମାନଙ୍କୁ ଓ ଭକ୍ତମାନଙ୍କୁ ମାନନ୍ତି ନାହିଁ, ସେମାନଙ୍କର ପରମାତ୍ମାଙ୍କ

---

* ମନୁଷ୍ୟ ଯେତିକି ଜାଣେ, ତାହାକୁ ପୂର୍ଣ୍ଣ ମନେକରି ଜ୍ଞାନର ଅଭିମାନ କଲେ ସେ ନାସ୍ତିକ ହୋଇଯାଏ ଏବଂ ସେତିକିରେ ସନ୍ତୁଷ୍ଟ ନ ହେଲେ ଓ ଜ୍ଞାନର ଅଭାବ ଅସହ୍ୟ ହେଲେ ସେ ଜିଜ୍ଞାସୁ ହୋଇଯାଏ ।

ସମ୍ବନ୍ଧରେ ଜିଜ୍ଞାସା ହୁଏ ନାହିଁ। ମାତ୍ର ଜୀବ ଓ ଜଗତ ବିଷୟରେ ଆସ୍ତିକ ବା ନାସ୍ତିକ ସମସ୍ତଙ୍କର ଜିଜ୍ଞାସା ହୁଏ; କାରଣ 'ମୁଁ ଅଛି ଓ ଜଗତ ଅଛି' ଏହାର ଅନୁଭବ ସମସ୍ତଙ୍କୁ ହୋଇଥାଏ। ପରମାତ୍ମାଙ୍କ ସମ୍ବନ୍ଧରେ ଏପରି ଅନୁଭବ ନ ଥିବାରୁ ପରମାତ୍ମା ସେମାନଙ୍କର ମାନିବାର ବିଷୟ ହୋଇଥାଆନ୍ତି ଅର୍ଥାତ୍ ସେମାନେ ପରମାତ୍ମାଙ୍କୁ ମାନି ପାରନ୍ତି ବା ନ ମାନି ପାରନ୍ତି। ଏଥିପାଇଁ ଆସ୍ତିକ ଓ ନାସ୍ତିକ ଉଭୟ ପ୍ରକାରର ଦର୍ଶନ ଦେଖିବାକୁ ମିଳେ।

ଜିଜ୍ଞାସୁଠାରେ 'ମୁଁ ଜିଜ୍ଞାସୁ' ଏପରି ଅହମ୍ ଅର୍ଥାତ୍ ବ୍ୟକ୍ତିତ୍ୱ ରହେ। ଯେପର୍ଯ୍ୟନ୍ତ ଅହମ୍ ରହେ, ସେପର୍ଯ୍ୟନ୍ତ ସେ କେବଳ ବ୍ୟାଖ୍ୟାନ ଶିଖି ଯାଇପାରେ, କିନ୍ତୁ ତାକୁ ବୋଧପ୍ରାପ୍ତି ହୁଏ ନାହିଁ। ପ୍ରକୃତ ଜିଜ୍ଞାସା ହେଲେ ତା' ହୃଦୟରେ ଏକପ୍ରକାର ବ୍ୟାକୁଳତା ସୃଷ୍ଟି ହୁଏ ଯେ "ମୁଁ ଏତେ ଜାଣିଗଲି, ଅଥଚ ମୋ'ଠାରେ କୌଣସି ପରିବର୍ତ୍ତନ ଆସିଲା ନାହିଁ, କୌଣସି ବିଶେଷତ୍ୱ ଆସିଲା ନାହିଁ। ପୂର୍ବପରି ମଧ୍ୟ ରାଗ-ଦ୍ୱେଷ, ହର୍ଷ-ଶୋକ ଉତ୍ପନ୍ନ ହେଉଛି ଏବଂ ଅନୁକୂଳତା ଓ ପ୍ରତିକୂଳତାର ପ୍ରଭାବ ପଡୁଛି!" ଏପରି ବ୍ୟାକୁଳତା ସୃଷ୍ଟି ହେଲେ ସେ ଅହମ୍‌ରୁ ସମ୍ପୂର୍ଣ୍ଣ ବିମୁଖ ହୋଇଯାଏ। ଅହମ୍‌ରୁ ସମ୍ପୂର୍ଣ୍ଣ ବିମୁଖ ହେଲାପରେ ଜିଜ୍ଞାସୁ ଆଉ ରହେ ନାହିଁ, କେବଳ ଶୁଦ୍ଧ ଜିଜ୍ଞାସା ରହିଯାଏ ଏବଂ ସେହି ଜିଜ୍ଞାସା ଜ୍ଞାନ(ବୋଧ)ରେ ପରିଣତ ହୋଇଯାଏ। ଜ୍ଞାନ ହେଲାପରେ ଅହମ୍ (ପ୍ରକୃତି ଓ ପ୍ରକୃତିର କାର୍ଯ୍ୟ) ଆଦୌ ରହେ ନାହିଁ, କେବଳ ଚେତନସ୍ୱରୂପ ଯଥାବତ୍ ରହିଯାଏ ଅର୍ଥାତ୍ ପ୍ରାପ୍ତ ହୋଇଯାଏ। ଏଠାରେ ଜାଣିରଖିବା ଆବଶ୍ୟକ ଯେ ଜଡ଼ସମ୍ବନ୍ଧରେ ହିଁ ଜ୍ଞାନ ହୁଏ, ଚେତନ ସମ୍ବନ୍ଧରେ ନୁହେଁ; କାରଣ ଚେତନ ନିଜେ ଜ୍ଞାନସ୍ୱରୂପ। ଅନ୍ତଃକରଣରେ ଜଡ଼ର ମହତ୍ତ୍ୱ ଥିବାରୁ ହିଁ ତାହାର ଅନୁଭୂତି ହେଉ ନ ଥିଲା। ତାହାର ଅନୁଭୂତି ହେବାପରେ ଅନୁଭୂତି ହିଁ ରହିଯାଏ, ଅନୁଭବକାରୀ ରହେ ନାହିଁ; କେବଳ ଜ୍ଞାନ ରହିଯାଏ, ଜ୍ଞାନୀ ରହେ ନାହିଁ।

□□

୪. ଅହଂନାଶ ଓ ତତ୍ତ୍ୱର ଅନୁଭବ

ସମସ୍ତ ସ୍ଥାନ, କାଳ, କ୍ରିୟା, ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ପ୍ରଭୃତିର ବିନାଶ ହୋଇଯିବା ପରେ ମଧ୍ୟ ଯାହା ଅବଶେଷ ରହିଯାଏ, ତାହା ହିଁ ତତ୍ତ୍ୱ । ସେହି ତତ୍ତ୍ୱର ବିନାଶ କେବେହେଲେ ହୋଇ ନାହିଁ, ହେଉ ନାହିଁ, ହେବ ନାହିଁ କି ହୋଇ ପାରିବ ନାହିଁ । ସେହି ତତ୍ତ୍ୱରେ ଆମେ ସ୍ୱତଃ ସ୍ଥିତ । ଏଣୁ ସେହି ତତ୍ତ୍ୱ ଆମଠାରୁ ପୃଥକ୍ ନୁହେଁ କି ଆମେ ତାହାଠାରୁ ପୃଥକ୍ ନୋହୁଁ । ତାହା ଆମଠାରୁ ଦୂର ନୁହେଁ କି ଆମେ ତାହାଠାରୁ ଦୂର ନୋହୁଁ । ତାହା ଆମକୁ ତ୍ୟାଗ କରି ପାରିବ ନାହିଁ କି ଆମେ ତାହାକୁ ତ୍ୟାଗ କରି ପାରିବା ନାହିଁ । ସେହି ତତ୍ତ୍ୱ ଓ ଆମ ମଧ୍ୟରେ କଦାପି ବିଚ୍ଛେଦ ସମ୍ଭବ ନୁହେଁ । ତାହାକୁ ସମସ୍ତଙ୍କର ପ୍ରକାଶକ, ସମସ୍ତଙ୍କର ଆଧାର, ସମସ୍ତଙ୍କର ଆଶ୍ରୟ, ସମସ୍ତଙ୍କର ରକ୍ଷକ, ସମସ୍ତଙ୍କର ଉତ୍ପାଦକ, ସମସ୍ତଙ୍କର ଜ୍ଞାତା, ପ୍ରେମାସ୍ପଦ, ଅନ୍ତରାତ୍ମା, ଆତ୍ମଦୃକ୍, ବିଶ୍ୱାତ୍ମା ପ୍ରଭୃତି ଅନେକ ନାମରେ ନାମିତ କରାଯାଏ । ସେହି ନିତ୍ୟପ୍ରାପ୍ତ ତତ୍ତ୍ୱକୁ ଅନୁଭବ କରିବା ପାଇଁ କୌଣସି ମନୁଷ୍ୟ ଅସମର୍ଥ, ପରାଧୀନ ଓ ଅନଧିକାରୀ ନୁହେଁ । ସେହି ତତ୍ତ୍ୱ କେବଳ ତୀବ୍ର ଅଭିଳାଷମାତ୍ରକେ ପ୍ରାପ୍ତ ହୋଇଯାଏ ।

ତତ୍ତ୍ୱ ସମ୍ବନ୍ଧରେ ଥିବା ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଶୁଦ୍ଧାଦ୍ୱୈତ, ଦ୍ୱୈତାଦ୍ୱୈତ ପ୍ରଭୃତି ଦାର୍ଶନିକ ମତଭେଦର ଆଗ୍ରହ ହିଁ ତତ୍ତ୍ୱର ଅନୁଭୂତିରେ ବିଘ୍ନ* । କାରଣ ତତ୍ତ୍ୱରେ କୌଣସି ଭେଦ ନାହିଁ । ଯେପର୍ଯ୍ୟନ୍ତ ଅହମ୍

* ଯେଉଁମାନଙ୍କ ମନରେ ମତର ଆଗ୍ରହ ଥାଏ, ସେମାନେ ମତବାଦୀ । ମତବାଦୀଙ୍କ କଥା ଯଥାର୍ଥ ନୁହେଁ । ଯେପରି ସୂର୍ଯ୍ୟ ଉଦିତ ହେବା ପରେ ମଧ୍ୟ ପେଚ୍ପକୁ ରାତି ପରି ଜଣାପଡ଼େ, ସେହିପରି ମତବାଦୀମାନେ ତତ୍ତ୍ୱର କଥା ବୁଝିପାରନ୍ତି ନାହିଁ । ଏଣୁ ମତ ଛାଡ଼ି ତତ୍ତ୍ୱ ଉପରେ ବିଗ୍ଭର କରିବା ଉଚିତ । ତତ୍ତ୍ୱ ବିଗ୍ଭର ଦ୍ୱାରା ଉଦ୍ଧାର ହୋଇଯିବ, କିନ୍ତୁ ମତକୁ ଧରିବସିଲେ ପତନ ହେବ । ଯିଏ ମତରେ ବୁଡ଼ି ରହିଛି, ସେ ତତ୍ତ୍ୱ ନ ପାଇ ଭ୍ରମରେ ଘୂରି ବୁଲୁଥାଏ ।

ଥାଏ, ସେପର୍ଯ୍ୟନ୍ତ ଏହି ସମସ୍ତ ଦାର୍ଶନିକ ମତଭେଦ ରହେ । ଅହମ୍‌ରୁ ପରିଚ୍ଛିନ୍ନତା (ସୀମାବଦ୍ଧତା) ସୃଷ୍ଟି ହୁଏ ଓ ପରିଚ୍ଛିନ୍ନତାରୁ ଭେଦ ସୃଷ୍ଟି ହୁଏ । ଅହମ୍ ଥିବାପର୍ଯ୍ୟନ୍ତ ଭେଦ ନଷ୍ଟ ହୁଏ ନାହିଁ । ଅହମ୍ ନଷ୍ଟ ହୋଇଗଲେ କୌଣସି ଭେଦ ରହେ ନାହିଁ, କେବଳ ତତ୍ତ୍ୱ ରହିଯାଏ ।

ଅହମ୍ କ'ଣ, ବର୍ତ୍ତମାନ ଏହା ଉପରେ ବିଚାର କରାଯାଉ । ଗୀତାରେ ଅଛି—**'ଅହଙ୍କାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା'** (୭ । ୪), **'ମହାଭୂତାନ୍ୟହଙ୍କାରୋ ବୁଦ୍ଧିରବ୍ୟକ୍ତମେବ ଚ'** (୧୩ । ୫) । ସାଂଖ୍ୟକାରିକାରେ ଉଲ୍ଲେଖ ଅଛି—**'ପ୍ରକୃତେର୍ମହାନ୍ ତତୋଽହଙ୍କାରଃ'** । ଶ୍ରୀମଦ୍‌ଭାଗବତରେ ସାତ୍ତ୍ୱିକ, ରାଜସ ଓ ତାମସ ଭେଦରେ ତିନି ପ୍ରକାର ଅହମ୍‌ର ବର୍ଣ୍ଣନା ରହିଛି—**'ବୈକାରିକସ୍ତୈଜସଶ୍ଚ ତାମସଶ୍ଚେତ୍ୟହଂ ତ୍ରିବୃତ୍'** (୧୧ । ୨୪ । ୭) । ଏହି ସମସ୍ତ ପ୍ରକାର ଅହମ୍ ସର୍ବଥା ଜଡ଼(ପ୍ରକୃତି)ର ବାଚକ । ଏଥିପାଇଁ ଭଗବାନ ଅହମ୍‌କୁ ଇଦମ୍‌ରୂପେ ସୂଚିତ କରିଛନ୍ତି; ଯଥା—**'ଏତଦ୍ ଯୋ ବେତ୍ତି'** (୧୩ । ୧) । ତାତ୍ପର୍ଯ୍ୟ ହେଲା, ଅହମ୍ ପ୍ରକାଶ୍ୟ ଓ ତତ୍ତ୍ୱ ହେଉଛି ପ୍ରକାଶକ । ଅହମ୍ ଜ୍ଞେୟ (ଜାଣି ହେବାର ଯୋଗ୍ୟ) ଓ ତତ୍ତ୍ୱ ଜ୍ଞାତା ହେଉଛି । ପ୍ରକାଶ୍ୟ ସହିତ ପ୍ରକାଶକର ଓ ଜ୍ଞେୟ ସହିତ ଜ୍ଞାତାର ଏକତ୍ୱ କଦାପି ସମ୍ଭବ ନୁହେଁ ।

ଜୀବ ଅହମ୍ ସହିତ ତାଦାତ୍ମ୍ୟ କରି ନିଜକୁ 'ମୁଁ ଅଛି' ଏହିପରି ଅନୁଭବ କରେ* । ଏଥିରେ 'ମୁଁ' ହେଉଛି ପ୍ରକୃତିର ଅଂଶ ଏବଂ 'ଅଛି' ହେଉଛି ଚେତନର ଅଂଶ । ତାତ୍ପର୍ଯ୍ୟ ହେଲା, 'ମୁଁ'ର 'ଅବିଦ୍ୟମାନ' ସହିତ ସମ୍ବନ୍ଧ ହେବାରୁ 'ଅଛି' ହୋଇଛି । ଯଦି 'ମୁଁ'ର ସମ୍ବନ୍ଧ ଛାଡ଼ିଦେବା, ତେବେ ସଂକୀର୍ଣ୍ଣତାର ବାଚକ 'ଅଛି' ନ ରହି ବ୍ୟାପକତାର ବାଚକ 'ଅଛନ୍ତି' ରହିବ । ସେହି 'ଅଛନ୍ତି' ବା 'ବିଦ୍ୟମାନ' ହିଁ ତତ୍ତ୍ୱର ସ୍ୱରୂପ ।

---

* ଅହମ୍‌ର ସମ୍ବନ୍ଧରୁ ହିଁ ମୁଁ, ଆପଣ, ଏ ଓ ସେ—ଏପରି ଚାରି ଭେଦ ହୋଇଥାଏ । ଅହମ୍‌ର ସମ୍ବନ୍ଧ ନ ରହିଲେ 'ମୁଁ, ଆପଣ, ଏ ଓ ସେ' ରହିବ ନାହିଁ; ବରଂ ଏଗୁଡ଼ିକର ପ୍ରକାଶକ ଏକମାତ୍ର 'ଅଛନ୍ତି' ରହିବ । 'ଅଛନ୍ତି'ରେ ଏହି ଚାରି ଭେଦ ନ ଥାଏ ।

ଯେତେବେଳେ ଜୀବ ଭୁଲ୍‌ରେ ନିଜଠାରେ ଅହମ୍‌କୁ ସ୍ୱୀକାର କରିନିଏ, ସେତେବେଳେ ତା'ଠାରେ ଜଡ଼ତା, ସସୀମତା, ବିଷମତା, ଅଭାବ, ଅଶାନ୍ତି, କର୍ତ୍ତୃତ୍ୱ, ଭୋକ୍ତୃତ୍ୱ ଆଦି ବିକାର ଆସିଯାଏ । ତେଣୁ ନିଜ ମଧ୍ୟରୁ ଅହମ୍‌ର ସ୍ୱୀକୃତ ଅସ୍ତିତ୍ୱକୁ ନଷ୍ଟ କରିବାକୁ ହେଲେ ନିଜଠାରେ ତତ୍ତ୍ୱର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ହେବ; କାରଣ ତତ୍ତ୍ୱରେ ଅହମ୍ ନାହିଁ । ଅହମ୍ ନଷ୍ଟ ହୋଇଗଲେ ଜଡ଼ତା, ସସୀମତା, ବିଷମତା ଆଦି ବିକାର ସମ୍ପୂର୍ଣ୍ଣ ଲୋପ ପାଇଯାଏ । ନିଜଠାରେ ତତ୍ତ୍ୱର ଅସ୍ତିତ୍ୱ ସ୍ୱୀକାର କରିବା ଭେଦ(ଦ୍ୱୈତଭାବ)ର ପୋଷକ ନୁହେଁ, ବରଂ ଏହାର ନାଶକ; କାରଣ ନିଜଠାରେ ତତ୍ତ୍ୱର ଅସ୍ତିତ୍ୱ ସ୍ୱୀକାର କଲେ ଅହମ୍ ରହେ ନାହିଁ । ଅହମ୍ ନ ରହିଲେ ଅହମ୍‌ରୁ ଉତ୍ପନ୍ନ ହେଉଥିବା ଭେଦ ଓ ବିକାର ରହିବ କିପରି?

ଅହମ୍ ନଷ୍ଟ କରିବା ପାଇଁ 'ଅଛି' ସ୍ଥାନରେ 'ଅଛନ୍ତି'କୁ ସ୍ୱୀକାର କରାଯାଇପାରେ ଅଥବା 'ଅଛି'କୁ 'ଅଛନ୍ତି' ନିକଟରେ ଅର୍ପିତ କରାଯାଇପାରେ ଅର୍ଥାତ୍ 'ଅଛନ୍ତି'ରୂପରେ ସର୍ବତ୍ର ବ୍ୟାପ୍ତ ପରମାତ୍ମତତ୍ତ୍ୱର ଶରଣ ନିଆଯାଇପାରେ । ଏପରି କଲେ ଅହମ୍ ରହିବ ନାହିଁ ଅର୍ଥାତ୍ ମୁଁ-ଆପଣ-ଏ-ସେ ରହିବ ନାହିଁ, ବରଂ କେବଳ 'ଅଛନ୍ତି' ରହିବ । ଉଦାହରଣାର୍ଥ—ଛୁରିକୁ ତରଭୁଜ ଉପରକୁ ଫୋପାଡ଼ନ୍ତୁ ବା ତରଭୁଜକୁ ଛୁରି ଉପରକୁ ଫୋପାଡ଼ନ୍ତୁ, ପରିଣାମ ସମାନ ହେବ ଅର୍ଥାତ୍ ତରଭୁଜ ହିଁ କଟିବ । ସେହିପରି 'ଅଛି'କୁ 'ଅଛନ୍ତି'ରେ ମିଶାଇ ଦିଅନ୍ତୁ ବା 'ଅଛନ୍ତି'କୁ 'ଅଛି'ରେ ମିଶାଇ ଦିଅନ୍ତୁ, 'ଅଛି' ବା ସୀମାବଦ୍ଧତା ହିଁ ନଷ୍ଟ ହେବ ଓ 'ଅଛନ୍ତି' ରହିବ ।

ପ୍ରକୃତରେ ବିଚାର କରି ଦେଖିଲେ 'ଅଛନ୍ତି'କୁ 'ଅଛି'ରେ ସ୍ଥାନ ଦେବା ଅପେକ୍ଷା 'ଅଛି'କୁ 'ଅଛନ୍ତି'ରେ ସ୍ଥାନ ଦେବା ଶ୍ରେଷ୍ଠ । କାରଣ 'ଅଛି'ରେ ପୂର୍ବରୁ ସୀମାବଦ୍ଧତାର ସଂସ୍କାର ଥାଏ, ତେଣୁ 'ଅଛନ୍ତି'କୁ 'ଅଛି'ରେ ସ୍ଥାନ ଦେଲେ ସୀମାବଦ୍ଧତା ଶୀଘ୍ର ନଷ୍ଟ ହୁଏ ନାହିଁ । ଅତଏବ ସ୍ୱରୂପରେ ସ୍ଥିତ ହେବା ଅପେକ୍ଷା ସ୍ୱକୀୟ ପରମାତ୍ମାଙ୍କର ଆଶ୍ରୟ ନେବା

ଶ୍ରେଷ୍ଠ* । ସ୍ୱରୂପ ଯେତେବେଳେ ଅହମ୍‌ଠାରୁ ବିମୁଖ ହୋଇ ସ୍ୱକୀୟ ପରମାତ୍ମାଙ୍କ ନିକଟରେ ଶରଣାଗତି ସ୍ୱୀକାର କରେ ଅର୍ଥାତ୍ 'ମୁଁ କେବଳ ପରମାତ୍ମାଙ୍କର, ତିଳେମାତ୍ର ବି ଅନ୍ୟ କାହାର ନୁହେଁ' ଏହି ବାସ୍ତବିକତାକୁ ସ୍ୱୀକାର କରିନିଏ, ସେତେବେଳେ ସେ ମାୟା(ଅପରାପ୍ରକୃତି)କୁ ଅତିକ୍ରମ କରିଯାଏ ଅର୍ଥାତ୍ ତାହାର ଅହମ୍ ସର୍ବଥା ନଷ୍ଟ ହୋଇଯାଏ—**'ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ'** (ଗୀତା ୭ । ୧୪) । ଅଭିପ୍ରାୟ ଏହି ଯେ, ସ୍ୱରୂପରେ ସ୍ଥିତ ହେଲେ ସୂକ୍ଷ୍ମ ଅହମ୍ ରହିପାରେ, କିନ୍ତୁ ଭଗବାନଙ୍କର ଆଶ୍ରୟ ନେଲେ ଅହମ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ସ୍ୱୟଂ ଭଗବାନ ହିଁ ଶରଣାଗତ ଭକ୍ତର ଅହମ୍‌କୁ ନଷ୍ଟ କରି ଦିଅନ୍ତି ।✤ ଅହମ୍

---

* ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କେହି ଆମର ସ୍ୱକୀୟ (ନିଜର) ହୋଇ ନ ପାରେ; କାରଣ ଯିଏ ଆମଠାରୁ ପୃଥକ୍ ହୋଇପାରୁ ନ ଥିବ ଓ ଯାହାଠାରୁ ଆମେ ପୃଥକ୍ ହୋଇପାରୁ ନ ଥିବା, ପ୍ରକୃତରେ ସେ ହିଁ ଆମର ସ୍ୱକୀୟ ହେବା ସମ୍ଭବ । ଯେ କେବେ କେବେ ମିଳେ ଓ କେବେ କେବେ ପୁଣି ଅଲଗା ହୋଇଯାଏ, ସେ ସ୍ୱକୀୟ ହୋଇପାରିବ ନାହିଁ ।

✤ ଯେଉଁ ଭକ୍ତମାନେ ବିବେକପ୍ରଧାନ, ସେମାନେ ଅହମ୍‌ର ଆଶ୍ରୟ ଛାଡ଼ି ଅର୍ଥାତ୍ ସଂସାରର ଆଶ୍ରୟ ପରିତ୍ୟାଗ କରି ଭଗବାନଙ୍କର ଆଶ୍ରିତ ହୁଅନ୍ତି । ମାତ୍ର ଯେଉଁମାନେ ବିବେକପ୍ରଧାନ ହୋଇ ନ ଥିଲେ ମଧ୍ୟ ଭଗବାନଙ୍କ ଉପରେ ଶ୍ରଦ୍ଧାବିଶ୍ୱାସ ରଖନ୍ତି, ସେହି ଭକ୍ତମାନେ ଅହମ୍ ସମେତ (ଯେପରି ଥାଆନ୍ତି, ସେହିପରି) ଭଗବାନଙ୍କର ଆଶ୍ରିତ ହୁଅନ୍ତି । ଏପରି ଭକ୍ତମାନଙ୍କର ଅହଂନାଶ ଭଗବାନ ନିଜେ କରନ୍ତି—

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥
ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥

(ଗୀତା ୧୦ । ୧୦-୧୧)

''ମୋ'ଠାରେ ସତତ ଯୁକ୍ତ ଏବଂ ପ୍ରେମପୂର୍ବକ ମୋ ଭଜନରେ ରତ ସେହି ଭକ୍ତମାନଙ୍କୁ ମୁଁ ସେହି ବୁଦ୍ଧିଯୋଗ ପ୍ରଦାନ କରେ, ଯଦ୍ୱାରା ସେମାନେ ମୋତେ ପ୍ରାପ୍ତ ହୁଅନ୍ତି ।''

''ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ ।''

ନଷ୍ଟ ହୋଇଗଲେ ସ୍ଥାନ, କାଳ, କ୍ରିୟା ଇତ୍ୟାଦି ତ ରହେ ନାହିଁ, କିନ୍ତୁ 'ଅଛନ୍ତି' (ସତ୍) ରହିଯାଏ; ଜ୍ଞାନୀ ତ ରହେ ନାହିଁ, କିନ୍ତୁ ଜ୍ଞାନ (ଚିତ୍) ରହିଯାଏ; ସୁଖଦୁଃଖ ତ ରହେ ନାହିଁ, କିନ୍ତୁ ଆନନ୍ଦ ରହିଯାଏ ଅର୍ଥାତ୍ ଏକମାତ୍ର ସତ୍-ଚିତ୍-ଆନନ୍ଦଘନ ତତ୍ତ୍ୱ ହିଁ ରହିଯାଏ । ଏହି ତତ୍ତ୍ୱକୁ ଗୀତାରେ **'ବାସୁଦେବଃ ସର୍ବମ୍'** (୭ । ୧୯) କୁହାଯାଇଛି ।

ସେହି ତତ୍ତ୍ୱ ସମସ୍ତ ସ୍ଥାନ, କାଳ, କ୍ରିୟାଦିରେ ପରିପୂର୍ଣ୍ଣ, କିନ୍ତୁ ସେଥିରେ ସ୍ଥାନ, କାଳ, କ୍ରିୟାଦି ନାହିଁ । ସେହି ତତ୍ତ୍ୱକୁ ପାଇବା ପାଇଁ କ୍ରିୟା କରିବାର ଅର୍ଥ ବସ୍ତୁତଃ ସେହି ତତ୍ତ୍ୱଠାରୁ ପୃଥକ୍ ହେବା; କାରଣ କ୍ରିୟା କଲେ କର୍ତ୍ତା ରହିବ ଏବଂ ତତ୍ତ୍ୱ ଅପ୍ରାପ୍ତ ରହିବ । ସେହିପରି, ଆତ୍ମଚିନ୍ତନ କଲେ ଆତ୍ମବୋଧ ହେବ ନାହିଁ; କାରଣ ଆତ୍ମଚିନ୍ତନ କଲେ ଚିନ୍ତକ ରହିବ ଓ ଅନାତ୍ମାର ସତ୍ତା ରହିବ । ତତ୍ତ୍ୱକୁ ଅପ୍ରାପ୍ତ ମାନିଲେ ହିଁ ତ ତାହାର ପ୍ରାପ୍ତି ପାଇଁ କ୍ରିୟା କରିବା! ଅନାତ୍ମାର ସତ୍ତା ମାନିଲେ ହିଁ ତ ଅନାତ୍ମାକୁ ତ୍ୟାଗ କରିବା ଓ ଆତ୍ମାର ଚିନ୍ତନ କରିବା!

ତତ୍ତ୍ୱକୁ ଜାଣିବାକୁ ଚେଷ୍ଟା କଲେ ଆମେ ତତ୍ତ୍ୱଠାରୁ ଦୂରେଇ ଯିବା; କାରଣ ତତ୍ତ୍ୱକୁ ଜ୍ଞେୟ (ଜାଣିବାର ବିଷୟ) କଲେ ହିଁ ତ ତାହାକୁ ଜାଣିବାକୁ ଚେଷ୍ଟା କରିବା! ତତ୍ତ୍ୱ ତ ସମସ୍ତଙ୍କର ଜ୍ଞାତା, ସେ ଜ୍ଞେୟ କେମିତି ହେବ? ସବୁରି ଜ୍ଞାତାର ଅନ୍ୟ କେହି ଜ୍ଞାତା ହେବା ସମ୍ଭବ ନୁହେଁ । ଉଦାହରଣସ୍ୱରୂପ—ଆମେ ଆଖିରେ ସମସ୍ତଙ୍କୁ ଦେଖି ପାରିବା, କିନ୍ତୁ ଆଖିକୁ ଦେଖି ପାରିବା ନାହିଁ; କାରଣ ଆଖିର ଦେଖିବା ଶକ୍ତି ଇନ୍ଦ୍ରିୟର ବିଷୟ ନୁହେଁ । ସୁତରାଂ ସେହି ତତ୍ତ୍ୱ ନିଜେ ହିଁ ନିଜର ଜ୍ଞାତା—**'ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ'** (ଗୀତା ୧୦ । ୧୫) ।

ବିଷୟ କରନ ସୁର ଜୀୱ ସମେତା । ସକଲ ଏକ ତେଁ ଏକ ସଚେତା ॥
ସବ କର ପରମ ପ୍ରକାସକ ଜୋଈ । ରାମ ଅନାଦି ଅୱଧପତି ସୋଈ ॥

(ମାନସ, ୧ । ୧୧୭ । ୩)

[ଅର୍ଥ—ବିଷୟ, ଇନ୍ଦ୍ରିୟଗଣ, ଇନ୍ଦ୍ରିୟମାନଙ୍କର ବିଷୟ ଓ ଜୀବ—ଏ ସମସ୍ତେ କ୍ରମାନ୍ୱୟରେ ଜଣକଠାରୁ ଅନ୍ୟ ଜଣେ ଚେତନ ଅର୍ଥାତ୍

ପ୍ରକାଶକ । ଏ ସମସ୍ତଙ୍କର ଯିଏ ପରମ ପ୍ରକାଶକ, ସେ ହେଲେ ଅନାଦି ବ୍ରହ୍ମ ଅଯୋଧ୍ୟା ନରେଶ ରାମଚନ୍ଦ୍ର ।]

ପ୍ରକୃତିର ସମ୍ବନ୍ଧ ବିନା ତତ୍ତ୍ୱର ଚିନ୍ତନ, ମନନ ଆଦି ସମ୍ଭବ ନୁହେଁ । ସୁତରାଂ ତତ୍ତ୍ୱର ଚିନ୍ତନ କଲେ ମନର ଅସ୍ତିତ୍ୱ ରହିବ, ପ୍ରାପ୍ତି ପାଇଁ ନିର୍ଣ୍ଣୟ କଲେ ବୁଦ୍ଧିର ଅସ୍ତିତ୍ୱ ରହିବ, ଦର୍ଶନ କଲେ ଦୃଷ୍ଟିର ଅସ୍ତିତ୍ୱ ରହିବ, ଶ୍ରବଣ କଲେ ଶ୍ରବଣେନ୍ଦ୍ରିୟର ଅସ୍ତିତ୍ୱ ରହିବ, କଥନ କଲେ ବାଣୀର ଅସ୍ତିତ୍ୱ ରହିବ । ସେହିପରି 'ବିଦ୍ୟମାନ'କୁ ମାନିଲେ ମାନିବାର ଓ ମାନିବା ବ୍ୟକ୍ତିର ସତ୍ତା ରହିବ ଏବଂ 'ଅବିଦ୍ୟମାନ'କୁ ପ୍ରତ୍ୟାଖ୍ୟାନ କଲେ ପ୍ରତ୍ୟାଖ୍ୟାନକାରୀର ସତ୍ତା ରହିବ । କର୍ତ୍ତୃତ୍ୱାଭିମାନ ତ୍ୟାଗ କଲେ 'ମୁଁ କର୍ତ୍ତା ନୁହେଁ' ଏହି ସୂକ୍ଷ୍ମ ଅହଂକାର ରହିଯିବ ଅର୍ଥାତ୍ ତ୍ୟାଗ କରିବା ଦ୍ୱାରା ତ୍ୟାଗୀ ରହିଯିବ । ଏଣୁ ମାନନ୍ତୁ ନାହିଁ କି ପ୍ରତ୍ୟାଖ୍ୟାନ କରନ୍ତୁ ନାହିଁ, ଗ୍ରହଣ କରନ୍ତୁ ନାହିଁ କି ତ୍ୟାଗ କରନ୍ତୁ ନାହିଁ, ବରଂ ଯେମିତି ଅଛନ୍ତି, ସେହିପରି ରହନ୍ତୁ ଅର୍ଥାତ୍ 'ବିଦ୍ୟମାନ'ରେ ସ୍ଥିତ ହୋଇ ବାହ୍ୟ ଓ ଅଭ୍ୟନ୍ତରରେ ଚୁପ୍ ହୋଇଯାଆନ୍ତୁ । 'ଚୁପ୍ ହେବାକୁ ପଡ଼ିବ' ଏହି ଇଚ୍ଛା (ସଂକଳ୍ପ) ମଧ୍ୟ ନ ରଖନ୍ତୁ, ନଚେତ୍ କର୍ତ୍ତୃତ୍ୱ ଆସିଯିବ । ଚୁପ୍ ସ୍ଥିତି ସ୍ୱାଭାବିକ ଅଟେ ।

ମୁଁ, ଆପଣ, ଏ ଓ ସେ—ଏହି ଚ୍ରୋଟିକୁ ଛାଡ଼ିଦେଲେ ଏକମାତ୍ର 'ଅଛନ୍ତି' (ସତ୍ତା) ରହିଯାଏ । ସେହି 'ଅଛନ୍ତି'ରେ ସ୍ଥିର (ଚୁପ୍) ହୋଇଯାଆନ୍ତୁ ଏବଂ ନିଜ ପକ୍ଷରୁ କିଛିହେଲେ ଚିନ୍ତନ ନ କରନ୍ତୁ—'ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍' (ଗୀତା ୬ । ୨୫) । ଯଦି ଆପେ ଆପେ କୌଣସି ଚିନ୍ତନ ଆସିଯାଏ, ତେବେ ତା'ପ୍ରତି ରାଗ (ଆସକ୍ତି) କରନ୍ତୁ ନାହିଁ କି ଦ୍ୱେଷ କରନ୍ତୁ ନାହିଁ, ସେଥିରେ ପ୍ରସନ୍ନ ହୁଅନ୍ତୁ ନାହିଁ କି ବିଷଣ୍ଣ ହୁଅନ୍ତୁ ନାହିଁ, ତାହାକୁ ଭଲ ମନେକରନ୍ତୁ ନାହିଁ କି ଖରାପ ମନେକରନ୍ତୁ ନାହିଁ । ସେହି ଚିନ୍ତନକୁ ନିଜର ବା ନିଜଠାରେ ଅଛି ବୋଲି ମାନନ୍ତୁ ନାହିଁ, ବରଂ ଉପେକ୍ଷା କରନ୍ତୁ ଓ ସେଥିରୁ ଉଦାସୀନ ରହନ୍ତୁ । ପ୍ରକୃତରେ ତାହା ନିଜଠାରେ ନାହିଁ । ତାହା ପ୍ରତି ରାଗ ବା ଦ୍ୱେଷ କରିବା ଦ୍ୱନ୍ଦ୍ୱ

ଅଟେ । ଏହି ଦ୍ୱନ୍ଦ୍ୱ ତତ୍ତ୍ୱ ଅନୁଭବରେ ମୁଖ୍ୟ ବାଧା—'**ତୌ ହ୍ୟସ୍ୟ ପରିପନ୍ଥିନୌ**' (ଗୀତା ୩ । ୩୪) ।

ଏହିରୂପେ ଯଦି ଏକ ବା ଦୁଇ ସେକେଣ୍ଡ ମଧ୍ୟ ଚୁପ୍ (ସତ୍ତାରେ ସ୍ଥିର) ହୋଇଯିବେ, ତେବେ ସେଥିରୁ ଏକ ଶକ୍ତି ମିଳିବ, ଯାହା ସଂଯୋଗର ରୁଚିକୁ ଓ ସାଂସାରିକ ଆସକ୍ତିକୁ ନଷ୍ଟ କରିଦେବ । ଅକ୍ରିୟ ତତ୍ତ୍ୱରେ ଅପାର ଶକ୍ତି ନିହିତ । ସମସ୍ତ ଶକ୍ତି ଅକ୍ରିୟ ତତ୍ତ୍ୱରୁ ପ୍ରକଟିତ ହୁଏ, ସେହିଥିରେ ରହେ ଓ ସେହିଥିରେ ଲୀନ ହୋଇଯାଏ । ସଂସାରରେ ପ୍ରତ୍ୟେକ କ୍ରିୟା ପରେ ଅକ୍ରିୟତା ଆସେ ଏବଂ ସେହି ଅକ୍ରିୟତାରୁ ହିଁ ପୁନଃ କ୍ରିୟା କରିବାର ଶକ୍ତି ମିଳେ । ଯଥା—କହି କହି ଥକିଯିବା ପରେ କିଛି ସମୟ ଚୁପ୍ ହୋଇଗଲେ ପୁଣି କହିବାର ଶକ୍ତି ଆସିଯାଏ । ଚାଲି ଚାଲି କ୍ଳାନ୍ତ ହୋଇ ପଡ଼ିଗଲେ କିଛି ସମୟ ପରେ ପୁନଃ ଚାଲିବାର ଶକ୍ତି ଆସିଯାଏ । ଦିନତମାମ କାମ କରି କରି ରାତିରେ ଶୋଇଗଲେ ପୁନଃ ଶରୀରରେ ସତେଜତା ଓ କାର୍ଯ୍ୟ କରିବାର ଶକ୍ତି ଆସିଯାଏ । ଏହିରୂପେ ପ୍ରତ୍ୟେକ କ୍ରିୟା, ବୃତ୍ତି ପ୍ରଭୃତିର ସନ୍ଧିରେ ସେହି ଅକ୍ରିୟ ତତ୍ତ୍ୱ ଝଲକୁଛି (ଉଦ୍ଭାସିତ ହେଉଛି)—

ସବ ବୃତ୍ତି ହୈଁ ଗୋପିକା, ସାକ୍ଷୀ କୃଷ୍ଣ ସ୍ୱରୂପ ।
ସନ୍ଧିମେଁ ଝଲକତ ରହେ, ୟହ ହୈ ରାସ ଅନୂପ ॥

ସେହି ଅକ୍ରିୟ ତତ୍ତ୍ୱରେ ଚୁପ୍ ହୋଇଗଲେ ସ୍ୱତଃସିଦ୍ଧ ତତ୍ତ୍ୱର ଅନୁଭବ ହେବ । ବସ୍ତୁତଃ ଚୁପ୍ ସ୍ଥିତି ସ୍ୱାଭାବିକ ଓ ସହଜ ଅଟେ । ଏଥିରେ କୌଣସି ଉଦ୍ୟମ ଆବଶ୍ୟକ ନାହିଁ, କେବଳ 'ଅବିଦ୍ୟମାନ'କୁ ଅସ୍ୱୀକାର କଲେ ହେଲା ।

୬. କରଣନିରପେକ୍ଷ ତତ୍ତ୍ୱ

ଯାହାଦ୍ୱାରା କ୍ରିୟା ସମ୍ପାଦିତ ହୁଏ ଓ ଯାହା କ୍ରିୟାକୁ ଉତ୍ପନ୍ନ କରେ, ତାହାକୁ 'କାରକ' କହନ୍ତି । କାରକ ଛଅ ପ୍ରକାରର—କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ । ସାଂସାରିକ କାର୍ଯ୍ୟ ସମ୍ପାଦନରେ ଉକ୍ତ ଛଅଟି କାରକର ଆବଶ୍ୟକତା ରହିଛି । ପରମାତ୍ମତତ୍ତ୍ୱକୁ ପ୍ରାପ୍ତି କରିବାରେ କାରକର ଆବଶ୍ୟକତା ନାହିଁ ଅର୍ଥାତ୍ ସେଠାରେ କାରକ ଅକାମୀ । କାରଣ ପରମାତ୍ମତତ୍ତ୍ୱର ପ୍ରାପ୍ତି କ୍ରିୟା ଦ୍ୱାରା ହୁଏ ନାହିଁ । ସମସ୍ତ କାରକ ପ୍ରକୃତିର ଅନ୍ତର୍ଗତ ଓ ପ୍ରକୃତିର କାର୍ଯ୍ୟ । ପ୍ରକୃତିରୁ ଅତୀତ ତତ୍ତ୍ୱରେ କୌଣସି କାରକର ସ୍ଥାନ ନାହିଁ । କାରକରେ ପ୍ରକୃତିଜ ପଦାର୍ଥ ଓ କ୍ରିୟାର ଆଶ୍ରୟ ନେବାକୁ ପଡ଼ିଥାଏ, ଯଦ୍ଦ୍ୱାରା ଅଭ୍ୟାସ ସଫଳ ହୁଏ । ଅଭ୍ୟାସ ଦ୍ୱାରା ଏକ ନୂତନ ଅବସ୍ଥାର ନିର୍ମାଣ ହୁଏ, ତତ୍ତ୍ୱର ଅନୁଭବ ହୁଏ ନାହିଁ; କାରଣ ତତ୍ତ୍ୱରେ ଅବସ୍ଥା ନାହିଁ । ତତ୍ତ୍ୱର ଅନୁଭବ ବିବେକ ଦ୍ୱାରା ହୁଏ । ଏହି ବିବେକ ପ୍ରତ୍ୟେକ ପ୍ରାଣୀକୁ ସ୍ୱତଃପ୍ରାପ୍ତ । ମାତ୍ର ମନୁଷ୍ୟ ବ୍ୟତୀତ ଅନ୍ୟ ପ୍ରାଣୀଙ୍କ ଠାରେ ଯେଉଁ ବିବେକ ଥାଏ, ତଦ୍ଦ୍ୱାରା କେବଳ ସେମାନଙ୍କର ଶରୀରନିର୍ବାହ ହୋଇଯାଏ, କିନ୍ତୁ ତତ୍ତ୍ୱଜ୍ଞାନ ହୁଏ ନାହିଁ । କାରଣ ସେମାନେ କେବଳ ଶରୀରନିର୍ବାହରେ ହିଁ ବିବେକର ଉପଯୋଗ କରନ୍ତି । ଏହାର ଊର୍ଦ୍ଧ୍ୱକୁ (ଶରୀରରୁ ଅତୀତ ତତ୍ତ୍ୱ ଦିଗକୁ) ସେମାନଙ୍କର ଜିଜ୍ଞାସା ହୁଏ ନାହିଁ* । ମନୁଷ୍ୟ ତା' ବିବେକର ସଦୁପଯୋଗ କରି ଓ ବିବେକକୁ ମହତ୍ତ୍ୱ

---

* ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଏହି ବିବେକ ସ୍ଥାବର ଅପେକ୍ଷା ଜଙ୍ଗମ ପ୍ରାଣୀଙ୍କ ଠାରେ ଅଧିକ ଥାଏ । ଜଙ୍ଗମ ପ୍ରାଣୀଙ୍କ ମଧ୍ୟରେ ବି ଜଳଚର ଅପେକ୍ଷା ସ୍ଥଳଚର ପ୍ରାଣୀଙ୍କର ଏବଂ ସ୍ଥଳଚର ଅପେକ୍ଷା ନଭଚର ପ୍ରାଣୀଙ୍କର ବିବେକ ଅଧିକ । ମାତ୍ର ସେମାନଙ୍କର ବିବେକ କେବଳ ଶରୀରନିର୍ବାହ ମଧ୍ୟରେ ସୀମିତ, ଯଦ୍ଦ୍ୱାରା ସେମାନେ କେବଳ ଖାଦ୍ୟ-ଅଖାଦ୍ୟ, ଥଣ୍ଡା-ଗରମ, ପରିଶ୍ରମ-ଆରାମ, ସଂଯୋଗ-ବିୟୋଗ ପ୍ରଭୃତିର ପାର୍ଥକ୍ୟ ଜାଣି ପାରନ୍ତି । ମାତ୍ର ସତ୍-ଅସତ୍, କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିବେକ ସେମାନଙ୍କ ଠାରେ ଜାଗ୍ରତ ନୁହେଁ । କାରଣ ସେମାନଙ୍କର ବିବେକଯୋଗ୍ୟ ବୁଦ୍ଧି ନ ଥାଏ ଓ ଅଧିକାର

ଦେଇ ଦେବତାମାନଙ୍କ ଠାରୁ ମଧ୍ୟ ଉଚ୍ଚକୁ ଯାଇପାରେ ଏବଂ ଭଗବାନଙ୍କୁ ମଧ୍ୟ ନିଜର ବଶ କରିପାରେ । ମାତ୍ର ଭୋଗେଚ୍ଛା ଯୋଗୁଁ ବିବେକର ଦୁରୁପଯୋଗ ଓ ଅନାଦର କରି ପଶୁମାନଙ୍କ ଠାରୁ ମଧ୍ୟ ତଳକୁ ଖସିପାରେ ଓ ଚଉରାଶୀ ଲକ୍ଷ ଯୋନିକୁ ତଥା ନରକକୁ ମଧ୍ୟ ଯାଇପାରେ!* ଏଣୁ ମନୁଷ୍ୟ ତା'ର ବିବେକକୁ ମହତ୍ତ୍ୱ ଦେବା ଉଚିତ ଓ କୌଣସି ବିବେକବିରୋଧୀ କାର୍ଯ୍ୟ ନ କରିବା ଉଚିତ ।

ପ୍ରତ୍ୟେକ ପ୍ରାଣୀଠାରେ ଅପରା (ଜଡ଼) ଓ ପରା (ଚେତନ) ଦୁଇଟି

ମଧ୍ୟ ନ ଥାଏ । ଏହି ବିବେକ ମନୁଷ୍ୟଠାରେ ହିଁ ଜାଗ୍ରତ ଅଟେ । ମନୁଷ୍ୟ ବ୍ୟତୀତ ସମସ୍ତ ଯୋନି ଭୋଗପ୍ରଧାନ । ମନୁଷ୍ୟ ନିଜର ବିବେକକୁ ମହତ୍ତ୍ୱ ଦେଇ ଦେହାତୀତ ତତ୍ତ୍ୱକୁ ପ୍ରାପ୍ତ କରିପାରେ ଏବଂ ଜନ୍ମମରଣର ବନ୍ଧନରୁ ମୁକ୍ତ ହୋଇପାରେ । ଅତଏବ ମନୁଷ୍ୟ ଉପରେ ତା' ଉଦ୍ଧାରର ବିଶେଷ ଦାୟିତ୍ୱ ରହିଛି; କାରଣ ଯାହାର ଆୟ ଅଛି, ତା' ଉପରେ ହିଁ ଆୟକର ଲାଗୁ ହୁଏ ।

* ମନୁଷ୍ୟ ହୋଇ ସୁଦ୍ଧା ନିଜ ବିବେକକୁ ମହତ୍ତ୍ୱ ନ ଦେଲେ ଯେଉଁ ଭଳି ପତନ ହୁଏ, ସେପରି ପତନ ପଶୁର ମଧ୍ୟ ହୁଏ ନାହିଁ । ମିଛ, କପଟ, ବେଇମାନି, ପ୍ରତାରଣା, ଅନ୍ୟାୟ, ହିଂସା ପ୍ରଭୃତି ପାପ ମନୁଷ୍ୟ ହିଁ କରେ, ପଶୁମାନେ କରନ୍ତି ନାହିଁ । ପଶୁମାନେ ନୂତନ ପାପ କରନ୍ତି ନାହିଁ, ବରଂ ପୂର୍ବଜନ୍ମରେ କରିଥିବା ପାପର ଫଳ ଭୋଗ କରି କରି ଉନ୍ନତି ଆଡ଼କୁ ଅଗ୍ରସର ହୁଅନ୍ତି । ମାତ୍ର ମନୁଷ୍ୟ ସୁଖଲୋଲୁପତା ଯୋଗୁଁ ନୂଆ ନୂଆ ପାପ କରି ପତନ ଆଡ଼କୁ ଗତି କରେ । ସେ ନିଜର ବିବେକକୁ ନୂଆ ନୂଆ ପାପର ଅନ୍ୱେଷଣରେ ଲଗାଇଦିଏ । ଭୋଗାସକ୍ତି ହେତୁ ତାହାର ବିବେକ ଇନ୍ଦ୍ରିୟଭୋଗ ମଧ୍ୟରେ ହିଁ ସୀମିତ ରହେ, ଏହାଠାରୁ ଅଧିକ ଉଚ୍ଚକୁ ଯାଏ ନାହିଁ—'କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ' (ଗୀତା ୧୬ । ୧୧) । ଏହିରୂପେ ପଶୁମାନେ ସେମାନଙ୍କର କର୍ମଫଳ ଭୋଗ କରି ମନୁଷ୍ୟଯୋନି ଆଡ଼କୁ ଅଗ୍ରସର ହେଉଥିବା ସ୍ଥଳେ ମନୁଷ୍ୟମାନେ ନୂଆ ନୂଆ ପାପ କରି ପଶୁଯୋନିଠାରୁ ମଧ୍ୟ ଆହୁରି ତଳକୁ (ନରକକୁ) ଖସି ଯାଆନ୍ତି ଓ ଖସି ଯାଉଛନ୍ତି ମଧ୍ୟ! ଏଥିପାଇଁ ଏପରି ମନୁଷ୍ୟଙ୍କ ସଙ୍ଗକୁ ନରକବାସଠାରୁ ମଧ୍ୟ ଖରାପ କୁହାଯାଇଛି—

ବରୁ ଭଲ ବାସ ନରକ କର ତାତା । ଦୁଷ୍ଟ ସଂଗ ଜନି ଦେଇ ବିଧାତା ॥

(ମାନସ ୫ । ୪୬ । ୪)

କାରଣ ନରକରେ ପାପ ନଷ୍ଟ ହୋଇ ପବିତ୍ରତା ଆସେ, ମାତ୍ର ଦୁଷ୍ଟସଙ୍ଗରୁ ଅପବିତ୍ରତା ଆସେ ଓ ପାପକର୍ମ ହୁଏ ।

ପ୍ରକୃତି ରହିଛି । 'ଅହମ୍' ଅପରା ପ୍ରକୃତି* ଓ 'ଜୀବ' ପରା ପ୍ରକୃତି । ଅହମ୍ ଓ ଜୀବର ଅର୍ଥାତ୍ ଜଡ଼ ଓ ଚେତନର ସମ୍ବନ୍ଧକୁ ହିଁ ଚିଜ୍ଜଡ଼ଗ୍ରନ୍ଥି କହନ୍ତି—

ଜଡ଼ ଚେତନହି ଗ୍ରଂଥି ପରି ଗଈ । ଜଦପି ମୃଷା ଛୁଟତ କଠିନଈ ॥

(ମାନସ ୭ । ୧୧୭ । ୨)

ଜଡ଼ ଓ ଚେତନର ଏହି ଗ୍ରନ୍ଥି ମିଥ୍ୟା, କାରଣ ଜଡ଼ ଓ ଚେତନ ପରସ୍ପରର ସମ୍ପୂର୍ଣ୍ଣ ବିରୁଦ୍ଧ । ଚେତନ ପ୍ରକାଶକ ଓ ଜଡ଼ ପ୍ରକାଶ୍ୟ । ଚେତନ ଅପରିବର୍ତ୍ତନଶୀଳ ଓ ଜଡ଼ ପରିବର୍ତ୍ତନଶୀଳ । ଚେତନ କଦାପି ନଷ୍ଟ ହୁଏ ନାହିଁ ଓ ଜଡ଼ କଦାପି ରହିପାରେ ନାହିଁ । ଉଭୟର ସ୍ୱଭାବ ଭିନ୍ନ ଭିନ୍ନ । ମାତ୍ର ଭିନ୍ନ ଭିନ୍ନ ସ୍ୱଭାବର ହୋଇ ମଧ୍ୟ ଗୋଟିକର ଅନ୍ୟଟି ସହିତ ଶତ୍ରୁତା ନାହିଁ । କେବଳ ଏତିକି ନୁହେଁ, ଚେତନ ଜଡ଼ର ପ୍ରକାଶକ ଓ ସହାୟକ ମଧ୍ୟ । ଅସତ୍ ସତ୍‌ସ୍ୱରୂପ ଚେତନର ସହାୟତାରେ ହିଁ ସତ୍ତାବାନ୍ । ଚେତନ ଯୋଗୁଁ ହିଁ ଅସତ୍‌କୁ ସତ୍ତା ମିଳେ । ଅବଶ୍ୟ ଏହା ସତ୍ୟ ଯେ ତତ୍ତ୍ୱଜିଜ୍ଞାସା ଅସତ୍(ଜଡ଼)ର ବିରୋଧୀ; କାରଣ ଜିଜ୍ଞାସା

* ଗୀତାରେ ଭଗବାନ ଅପରା ପ୍ରକୃତିକୁ ଆଠ ଭେଦଯୁକ୍ତ ବୋଲି କହିଛନ୍ତି— ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର (୭ । ୪-୫) । ଏମାନଙ୍କ ମଧ୍ୟରୁ ବନ୍ଧନର ମୁଖ୍ୟ କାରଣ ହେଉଛି 'ଅହଂକାର' । ପୃଥିବୀ, ଜଳ, ତେଜ ପ୍ରଭୃତି ମଧ୍ୟରେ ପରସ୍ପର ବହୁତ ତାରତମ୍ୟ ଥିଲେ ମଧ୍ୟ ଏମାନେ ଏକାଜାତିର (ଅପରା) । ଅତଏବ ପୃଥିବୀ ଯେଉଁ ଜାତିର, ଅହଂକାର ମଧ୍ୟ ସେହି ଜାତିର ଅର୍ଥାତ୍ ଅହଂକାର ମଧ୍ୟ ମାଟିପିଣ୍ଡୁଳା ପରି ଜଡ଼ । ଏହି ରହସ୍ୟ ଆଡ଼କୁ ବିଶେଷଭାବେ ଦୃଷ୍ଟି ଆକର୍ଷିତ କରାଇବା ପାଇଁ ଭଗବାନ ଅହଂକାରକୁ 'କ୍ଷେତ୍ର' ପଦବାଚ୍ୟ କରି 'ଏତଦ୍' ପଦ ପ୍ରୟୋଗ କରିଛନ୍ତି— 'ଏତଦ୍ ଯୋ ବେତ୍ତି' (୧୩ । ୧) । ଏହିପରି 'ଅହମ୍'କୁ 'ଇଦମ୍'ରୂପେ ସୂଚିତ କରିବାର ଅଭିପ୍ରାୟ ହେଲା—ଏହା ଆତ୍ମସ୍ୱରୂପଠାରୁ ପୃଥକ୍ ଓ ଜାଣିହେବାର ଯୋଗ୍ୟ । କାରଣ 'ଇଦମ୍' କଦାପି ସ୍ୱୟଂ (ସ୍ୱରୂପ) ହୋଇପାରେ ନାହିଁ ଏବଂ ସ୍ୱୟଂ କଦାପି 'ଇଦମ୍' ହୋଇପାରେ ନାହିଁ । ଜୀବ ଭୁଲ୍‌ବଶତଃ 'ଅହମ୍' ସହିତ ଐକ୍ୟ ସ୍ଥାପନ କରେ ଅର୍ଥାତ୍ ଅହମ୍‌କୁ ନିଜର ସ୍ୱରୂପ ମାନିନିଏ, ଫଳରେ ତା'ର ଜଡ଼ ଆଡ଼କୁ ଆକର୍ଷଣ ହୁଏ ଓ ସେ ଜଡ଼ର ବଶବର୍ତ୍ତୀ ହୋଇଯାଏ ।

ଦ୍ୱାରା ଜଡ଼ଠାରୁ ସମ୍ବନ୍ଧ ଛିନ୍ନ ହୋଇଯାଏ । ଏଥିପାଇଁ ଗୋଟିଏ ଦୃଷ୍ଟିକୋଣରୁ ତତ୍ତ୍ୱ ଅପେକ୍ଷା ତତ୍ତ୍ୱର ଜିଜ୍ଞାସା ଶ୍ରେଷ୍ଠ । ଭୋଗେଚ୍ଛା ତ ସଂସାର (ପଦାର୍ଥ ଓ କ୍ରିୟା) ସହିତ ସମ୍ବନ୍ଧ ସ୍ଥାପନ କରାଏ, କିନ୍ତୁ ଜିଜ୍ଞାସା ସଂସାରଠାରୁ ସମ୍ବନ୍ଧ ଛିନ୍ନ କରାଏ । ଭୋଗେଚ୍ଛାରେ ଜଡ଼ତ୍ୱ (ଅହଂକାର)ର ପ୍ରାଧାନ୍ୟ ଥିବା ସ୍ଥଳେ ଜିଜ୍ଞାସାରେ ଚେତନର ପ୍ରାଧାନ୍ୟ ଥାଏ । ତାତ୍ପର୍ଯ୍ୟ ହେଲା, ମନୁଷ୍ୟ ଜଡ଼-ଅଂଶର ପ୍ରାଧାନ୍ୟରୁ ସଂସାରର ଓ ଭୋଗର ଇଚ୍ଛା କରେ ଏବଂ ଚେତନ-ଅଂଶର ପ୍ରାଧାନ୍ୟରୁ ନିଜ ଉଦ୍ଧାରର, ମୁକ୍ତିର ଓ ପରମାତ୍ମତତ୍ତ୍ୱପ୍ରାପ୍ତିର ଇଚ୍ଛା (ଜିଜ୍ଞାସା) କରେ ।

ମନୁଷ୍ୟ ଜଡ଼-ଅଂଶ (ଅହଂଭାବ)ର ପ୍ରାଧାନ୍ୟରୁ ସାଂସାରିକ ଭୋଗରେ ଲିପ୍ତ ରହିଥିବା ପର୍ଯ୍ୟନ୍ତ ତାକୁ କଦାପି ପରମଶାନ୍ତି, ପରମ ଆନନ୍ଦ ମିଳିବ ନାହିଁ । ବ୍ରହ୍ମାଙ୍କ ପଦ ମିଳିଗଲେ ମଧ୍ୟ ତାକୁ ପରମଶାନ୍ତି ମିଳିବ ନାହିଁ । ପରିବର୍ତ୍ତନଶୀଳ ବସ୍ତୁ ଦ୍ୱାରା ଅପରିବର୍ତ୍ତନଶୀଳକୁ ଶାନ୍ତି ମିଳିବ କିପରି? ଅସତ୍ ଦ୍ୱାରା ସତ୍‌ର ପୂର୍ତ୍ତି ହେବ କିପରି? ମାତ୍ର ମନୁଷ୍ୟ ଚେତନକୁ ପ୍ରାଧାନ୍ୟ ଦେଇ (ଜଡ଼ତ୍ୱ ତ୍ୟାଗ କରି) ଚଳିଲେ ଜଡ଼-ଅଂଶ (ଅହମ୍) ନଷ୍ଟ ହୋଇଯିବ ଏବଂ ଶୁଦ୍ଧ ଚେତନ ରହିଯିବ । ଜଡ଼-ଅଂଶ ନଷ୍ଟ ହୋଇଗଲେ ଆସକ୍ତି ସମ୍ପୂର୍ଣ୍ଣ ଲୋପ ପାଇଯିବ । ଆସକ୍ତି ଲୋପ ପାଇଗଲେ ପୂର୍ଣ୍ଣତ୍ୱପ୍ରାପ୍ତି ହୋଇଯିବ* ଅର୍ଥାତ୍ ସେ କୃତକୃତ୍ୟ, ଜ୍ଞାତଜ୍ଞାତବ୍ୟ ଓ ପ୍ରାପ୍ତପ୍ରାପ୍ତବ୍ୟ ହୋଇଯିବ । ପୂର୍ଣ୍ଣତ୍ୱ ପ୍ରକୃତରେ ସ୍ୱତଃସିଦ୍ଧ, କେବଳ ଜଡ଼ର ସମ୍ବନ୍ଧ ହେତୁ ପୂର୍ଣ୍ଣତ୍ୱର ଅନୁଭବ ହୋଇ ନ ଥାଏ । ଜଡ଼ର ସମ୍ବନ୍ଧ ଲୋପ ପାଇଗଲେ ଓ ନିଜେ ଜଡ଼ଠାରୁ ସମ୍ପୂର୍ଣ୍ଣ ଅସଙ୍ଗ ହୋଇଗଲେ ସ୍ୱତଃ ପୂର୍ବରୁ ବିଦ୍ୟମାନ ପୂର୍ଣ୍ଣତ୍ୱର ଅନୁଭବ ହେବ । ମାତ୍ର କେବଳ ପରମାତ୍ମତତ୍ତ୍ୱ-ପ୍ରାପ୍ତିର ଓ ସ୍ୱରୂପବୋଧର ଜିଜ୍ଞାସା ହେଲେ ଅଥବା ଭଗବତ୍‌ପ୍ରେମ

---

* ଆସକ୍ତି ସମ୍ପୂର୍ଣ୍ଣ ଲୋପ ନ ପାଇବା ପର୍ଯ୍ୟନ୍ତ ଆପଣ ହୁଏତ ଉଚ୍ଚାଟିଉଚ୍ଚ କଥା କହିଦେଇ ପାରନ୍ତି, ସୁନ୍ଦରଭାବରେ ବୁଝାଇ ପାରନ୍ତି, ବ୍ୟାଖ୍ୟାନ ଦେଇ ପାରନ୍ତି, ବହି ଲେଖି ପାରନ୍ତି; ମାତ୍ର ପରମଶାନ୍ତି ପାଇ ପାରିବେ ନାହିଁ ।

ଓ ଭଗବଦ୍ଦର୍ଶନର ଅଭିଳାଷ ହେଲେ ହିଁ ଏହା ହେବ । ତାତ୍ପର୍ଯ୍ୟ ହେଲା, ଜିଜ୍ଞାସା ହେଲେ ବିବେକ ବିଶେଷରୂପେ ଜାଗ୍ରତ ହେବ, ଯଦ୍ଦ୍ୱାରା ଜଡତ୍ୱଠାରୁ ଅସଙ୍ଗତା ହୋଇଯିବ । ଅସଙ୍ଗତା ହେବାମାତ୍ରେ ଜଡ଼ତ୍ୱ ଅର୍ଥାତ୍ ଅହଂକାର ଲୋପ ପାଇଯିବ* ଏବଂ ନିଜ ଅସଙ୍ଗ ସ୍ୱରୂପର ଅନୁଭବ ହୋଇଯିବ । ଏଥିରେ କୌଣସି କାରକ କାମ କରିବ ନାହିଁ ।

ସମସ୍ତ କାରକ ମଧ୍ୟରେ କର୍ତ୍ତା ମୁଖ୍ୟ । କାରକଗୁଡ଼ିକ ମଧ୍ୟରୁ କେବଳ କର୍ତ୍ତାଠାରେ ହିଁ ଚେତନର ଝଲକ ଆସେ । ବସ୍ତୁତଃ ଚେତନର ନାମ 'କର୍ତ୍ତା' ନୁହେଁ । ଏହାକୁ କର୍ତ୍ତା ମାନି ନିଆଯାଇଛି—**'ଅହଙ୍କାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ'** (ଗୀତା ୩ । ୨୭) । ଏଥିପାଇଁ ଗୀତାରେ ଯେଉଁଠି ଭଗବାନ କର୍ମସିଦ୍ଧିର ପାଞ୍ଚୋଟି ହେତୁ (ଅଧିଷ୍ଠାନ, କର୍ତ୍ତା, କରଣ, ଚେଷ୍ଟା ଓ ଦୈବ) ଦର୍ଶାଇଛନ୍ତି, ସେଠାରେ ଶୁଦ୍ଧ ଆତ୍ମା (ଆତ୍ମସ୍ୱରୂପ)କୁ 'କର୍ତ୍ତା' ମାନୁଥିବା ବ୍ୟକ୍ତିକୁ ନିନ୍ଦା କରି କହିଛନ୍ତି ଯେ ତା'ର ବୁଦ୍ଧି ଶୁଦ୍ଧ ନୁହେଁ ଓ ସେ ଦୁର୍ମତି ଅଟେ❖ । କାରଣ ସ୍ୱରୂପରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନାହିଁ—**'ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ'** (ଗୀତା ୧୩ । ୩୧) । ଯଦି ସ୍ୱରୂପ କର୍ତ୍ତା ନୁହେଁ, ତେବେ କର୍ତ୍ତା କିଏ? ଏହାର ଉତ୍ତର ଭଗବାନ ଗୀତାର ଅନେକ ସ୍ଥାନରେ

---

* ଚେତନ ଜଡ଼ ସହିତ ସମ୍ବନ୍ଧ କଲେ 'ମୁଁ'ଭାବ ଉତ୍ପନ୍ନ ହୁଏ । ଶରୀର ପ୍ରତି 'ମୁଁ'ଭାବ ଓ 'ମୋର'ଭାବ ଉଭୟ ହୁଏ ଏବଂ ଅନ୍ୟ ପଦାର୍ଥ ପ୍ରତି କେବଳ 'ମୋର'ଭାବ ହୁଏ । ମାତ୍ର ପଦାର୍ଥ ଯୋଗୁଁ ନିଜେ ଅଭିମାନ କଲେ 'ମୁଁ'ଭାବ ମଧ୍ୟ ତା' ସହିତ ମିଶିଯାଏ ଓ ଦୃଢ଼ ହୋଇଯାଏ; ଯଥା—ମୁଁ ଧନବାନ୍ ଇତ୍ୟାଦି । [ନିଜଠାରେ ବିଦ୍ୟା, ବୁଦ୍ଧି, ଯୋଗ୍ୟତା ପ୍ରଭୃତି ଆରୋପ କଲେ 'ଅଭିମାନ' ହୁଏ ଏବଂ ଧନସମ୍ପତ୍ତି, ଜମିବାଡ଼ି ପ୍ରଭୃତି ଯୋଗୁଁ ନିଜଠାରେ ବଡ଼ପଣ ଆରୋପ କଲେ 'ଦର୍ପ' ହୁଏ ।] ଜଡ଼-ଅଂଶ ଦୂରୀଭୂତ ହେଲେ 'ମୁଁ'ଭାବ ଓ 'ମୋର'ଭାବ ରହେ ନାହିଁ, କେବଳ ସ୍ୱରୂପ ରହିଯାଏ । ସ୍ୱରୂପରେ 'ମୁଁ'ଭାବ ଓ 'ମୋର'ଭାବର ସ୍ଥାନ ନାହିଁ ।

❖ ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ ।
ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥ (୧୮ । ୧୬)

ଦେଇଛନ୍ତି; ଯଥା—ସମସ୍ତ କ୍ରିୟା ପ୍ରକୃତି ଦ୍ୱାରା ହିଁ ହୁଏ ଅର୍ଥାତ୍ ପ୍ରକୃତି ହେଉଛି କର୍ତ୍ତା (୧୩।୨୯); ସମସ୍ତ କ୍ରିୟା ଗୁଣ ଦ୍ୱାରା ହୁଏ; ଗୁଣମାନେ ହିଁ ଗୁଣମାନଙ୍କ ମଧ୍ୟରେ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ଗୁଣମାନେ ହେଉଛନ୍ତି କର୍ତ୍ତା (୩ । ୨୭-୨୮, ୧୪ । ୨୩); ଗୁଣମାନଙ୍କ ବ୍ୟତୀତ ଅନ୍ୟ କେହି କର୍ତ୍ତା ନାହିଁ (୧୪।୧୯); ଇନ୍ଦ୍ରିୟଗଣ ହିଁ ଇନ୍ଦ୍ରିୟଗଣଙ୍କ ବିଷୟରେ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ଇନ୍ଦ୍ରିୟଗଣ ହେଉଛନ୍ତି କର୍ତ୍ତା (୫ । ୯) । ମୋଟ ଉପରେ କହିଲେ କର୍ତ୍ତୃତ୍ୱ ପ୍ରକୃତିଠାରେ ଥାଏ, ସ୍ୱରୂପରେ ନ ଥାଏ । ଏଥିପାଇଁ ନିଜର ଚେତନ ସ୍ୱରୂପରେ ସ୍ଥିତ ତତ୍ତ୍ୱଜ୍ଞ ମହାପୁରୁଷ 'ମୁଁ କିଛି ବି କରୁ ନାହିଁ' ବୋଲି ଅନୁଭବ କରନ୍ତି— **'ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍'** (ଗୀତା ୫।୮), **ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ । ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥** (ଗୀତା ୩ । ୨୮) । ଭଗବାନ ମଧ୍ୟ କହିଛନ୍ତି— ଯେତେବେଳେ ମନୁଷ୍ୟ ଗୁଣମାନଙ୍କ ବ୍ୟତୀତ ଅନ୍ୟ କାହାକୁ କର୍ତ୍ତା ଦେଖେ ନାହିଁ ଏବଂ ନିଜକୁ ଗୁଣରୁ ସମ୍ପୂର୍ଣ୍ଣ ଅସମ୍ବନ୍ଧ ଅନୁଭବ କରେ (ଯାହା କି ବାସ୍ତବ)*, ସେତେବେଳେ ସେ ମୋର ସ୍ୱରୂପକୁ ପ୍ରାପ୍ତ ହୁଏ🟊 ।

ଗୀତାରେ ଭଗବାନ କର୍ତ୍ତୃତ୍ୱରେ ପ୍ରକୃତିକୁ ଓ ଭୋକ୍ତୃତ୍ୱରେ ପୁରୁଷକୁ ହେତୁ କହିଛନ୍ତି# । ପୁରୁଷ(ଚେତନ)କୁ ଭୋକ୍ତୃତ୍ୱରେ ହେତୁ କାହିଁକି

---

* ସ୍ୱରୂପ (ଆତ୍ମା) ସମ୍ପୂର୍ଣ୍ଣ ଗୁଣରହିତ—'ନିର୍ଗୁଣତ୍ୱାତ୍' (ଗୀତା ୧୩ । ୩୧) । ଗୁଣ ପ୍ରକାଶ୍ୟ ଓ ଆତ୍ମା ପ୍ରକାଶକ । ଗୁଣ ପରିବର୍ତ୍ତନଶୀଳ ଓ ଆତ୍ମା ଅପରିବର୍ତ୍ତନଶୀଳ । ଗୁଣ ଅନିତ୍ୟ ଓ ଆତ୍ମା ନିତ୍ୟ ।

🟊 ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି ॥ (ଗୀତା ୧୪ । ୧୯)

କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥ (୧୩ । ୨୦))

କହିଲେ? କାରଣ, ସୁଖଦୁଃଖର ଅନୁଭବ ଅର୍ଥାତ୍ ଭୋଗ ଚେତନଠାରେ ହିଁ ହେବା ସମ୍ଭବ, ଜଡ଼ରେ ନୁହେଁ। ଚେତନ ହିଁ ସୁଖୀଦୁଃଖୀ ହୁଏ। କ୍ରିୟା ଜଡ଼ରେ ହୁଏ ସତ, କିନ୍ତୁ କ୍ରିୟାର ଫଳ (ସୁଖୀଦୁଃଖୀ ହେବା) ପୁରୁଷଠାରେ ହୁଏ। ବାସ୍ତବରେ ପ୍ରକୃତିସ୍ଥ ପୁରୁଷ ଅର୍ଥାତ୍ ଅହମ୍‌ରେ ସ୍ଥିତ ପୁରୁଷ ହିଁ ସୁଖଦୁଃଖର ଭୋକ୍ତା ହୁଏ—**'ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍‌କ୍ତେ ପ୍ରକୃତିଜାନ୍‌ଗୁଣାନ୍'** (ଗୀତା ୧୩।୨୧)। ତାତ୍ପର୍ଯ୍ୟ ହେଲା, ଅହଂକାରର ସମ୍ବନ୍ଧ ଥିବାରୁ ହିଁ ପୁରୁଷ ସୁଖଦୁଃଖର ଭୋକ୍ତା ହୁଏ। ଯଦି ଅହଂକାରର ସମ୍ବନ୍ଧ ନ ରହେ, ପୁରୁଷ ସୁଖଦୁଃଖର ଭୋକ୍ତା ହୁଏ ନାହିଁ ଅର୍ଥାତ୍ ସେ ସୁଖୀଦୁଃଖୀ ନ ହୋଇ ନିଜ ସ୍ୱତଃସିଦ୍ଧ ଆନନ୍ଦସ୍ୱରୂପରେ ସ୍ଥିତ ରହେ—**'ସମଦୁଃଖସୁଖଃ ସ୍ୱସ୍ଥଃ'** (ଗୀତା ୧୪।୨୪)। ଅତଏବ ଭୋକ୍ତୃତ୍ୱ କେବଳ ସ୍ୱୀକୃତ, ବାସ୍ତବ ନୁହେଁ। ଚେତନଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ପ୍ରଥମରୁ ନ ଥିବାରୁ ହିଁ ସେଗୁଡ଼ିକ ନଷ୍ଟ ହୋଇଯାଏ*। ଯଦି ଚେତନଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଥାଆନ୍ତା, ତେବେ ଚେତନ ଥିବାପର୍ଯ୍ୟନ୍ତ ସେଗୁଡ଼ିକ ନଷ୍ଟ ହୁଅନ୍ତା ନାହିଁ।

ଯଦି ସ୍ୱରୂପରେ କର୍ତ୍ତୃତ୍ୱ ନାହିଁ ଏବଂ 'କର୍ତ୍ତା'ରୂପୀ କାରକ ସହିତ ଲେଶମାତ୍ର ବି ସମ୍ବନ୍ଧ ନାହିଁ, ତେବେ ଏହାର ଅନ୍ୟ କାରକଗୁଡ଼ିକ ସହିତ ବା ସମ୍ବନ୍ଧ ହେବ କିପରି? ସମ୍ପୂର୍ଣ୍ଣ ଅସମ୍ଭବ। ଅତଏବ ପ୍ରଥମେ ସାଧକକୁ ସିଦ୍ଧାନ୍ତଦୃଷ୍ଟିରୁ ଏହା ନିର୍ଣ୍ଣୟ କରିନେବାକୁ ହେବ ଯେ, ମୋ ସ୍ୱରୂପରେ କର୍ତ୍ତୃତ୍ୱ, ଭୋକ୍ତୃତ୍ୱ, ଅହଂଭାବ ଓ ମମତା ନାହିଁ। ଯଦ୍ୟପି ଏହି ନିର୍ଣ୍ଣୟ ବୁଦ୍ଧି(କରଣ)ରେ ହେଉଥିବାର ଦୃଶ୍ୟ ହୁଏ, ତଥାପି "ଏଗୁଡ଼ିକ ମୋ'ଠାରେ ନାହିଁ" ଏହି ଅନୁଭବ ସ୍ୱୟଂ (ସ୍ୱରୂପ)କୁ ହୁଏ। ସ୍ୱୟଂକୁ ଏହି ଅନୁଭବ ହେବା କରଣନିରପେକ୍ଷ ସାଧନା ଅଟେ। ତାତ୍ପର୍ଯ୍ୟ ହେଲା, ପ୍ରଥମେ ବୁଦ୍ଧିରେ ବିଚାର କରାଯାଏ। ବିଚାର ପରେ ବୁଦ୍ଧିରେ ନିର୍ଣ୍ଣିତ ହୁଏ

---

* ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ।
ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ॥ (ଗୀତା ୧୮।୧୭)

ଯେ, ମୋ'ଠାରେ କୌଣସି କାରକ ନାହିଁ । ମାତ୍ର ସ୍ୱୟଂ ହିଁ କାରକର ଏହି ଅନୁପସ୍ଥିତିକୁ ଅନୁଭବ କରେ । ସ୍ୱୟଂକୁ ହେଉଥିବା ଏହି ଅନୁଭବରେ କୌଣସି କରଣ ନ ଥାଏ, ଏହା ସମ୍ପୂର୍ଣ୍ଣ କରଣବିହୀନ ।

ଯେଉଁ ସ୍ଥାନରେ କ୍ରିୟା ହୁଏ, ତାହାକୁ ଅଧିଷ୍ଠାନ (ଅଧିକରଣ) କହନ୍ତି । ମାତ୍ର ସ୍ୱୟଂ ଯେଉଁଠି ଅଧିଷ୍ଠାନ, ସେଠାରେ କ୍ରିୟା ନାହିଁ ଅର୍ଥାତ୍ ସ୍ୱୟଂ କୌଣସି କ୍ରିୟାର ଅଧିଷ୍ଠାନ ନୁହେଁ । ସ୍ୱୟଂରେ ସବୁକିଛି ଆରୋପିତ ହୁଏ; କାରଣ ଆରୋପ ହେବାର ସ୍ଥାନ ହେଉଛି ତତ୍ତ୍ୱ । ତତ୍ତ୍ୱ ବିନା ଆରୋପିତ ବସ୍ତୁର ସ୍ୱତନ୍ତ୍ର ସତ୍ତା ନାହିଁ । ଏଣୁ ସ୍ୱୟଂକୁ ସବୁରି ଅଧିଷ୍ଠାନ, ଆଶ୍ରୟ, ଆଧାର ଓ ପ୍ରକାଶକ କୁହାଯାଏ ।

ଏଥିରୁ ସ୍ପଷ୍ଟ ହେଲା ଯେ, ସ୍ୱୟଂରେ କର୍ତ୍ତା, କର୍ମ, କରଣ, ଅଧିକରଣ ଆଦି କୌଣସି କାରକ ନାହିଁ* । ଅତଏବ ସ୍ୱରୂପବୋଧ ଓ ପରମାତ୍ମତତ୍ତ୍ୱପ୍ରାପ୍ତି ଜଡ଼ତ୍ୱ ଦ୍ୱାରା ହୁଏ ନାହିଁ, ବରଂ ଜଡ଼ତ୍ୱରୁ ସମ୍ବନ୍ଧ ଛିନ୍ନ ହେଲେ ହୁଏ ।

□□

---

* କାରକଗୁଡ଼ିକ ମଧ୍ୟରୁ କର୍ତ୍ତା, କର୍ମ, କରଣ ଓ ଅଧିକରଣ—ଏହି ଚାରୋଟି କାରକ କ୍ରିୟାରେ ବିକୃତ (ପରିଣତ) ହୁଅନ୍ତି, କିନ୍ତୁ ସମ୍ପ୍ରଦାନ ଓ ଅପାଦାନ କ୍ରିୟାରେ ବିକୃତ ହୁଅନ୍ତି ନାହିଁ, ବରଂ କ୍ରିୟାରେ କେବଳ ସହାୟକ ହୁଅନ୍ତି । ଏଥିପାଇଁ ଏ ଦୁଇଟିରେ କର୍ମକର୍ତ୍ତୃପ୍ରୟୋଗ ହୁଏ ନାହିଁ । ଯଥା—'ସୁପାତ୍ରକୁ ଦାନ ଦେଲି' ଏହି ସମ୍ପ୍ରଦାନ କାରକରେ, ଦାନ ଦେବା ଦ୍ୱାରା ଦାନଗ୍ରହୀତାଠାରେ କୌଣସି ବିକୃତି ଆସେ ନାହିଁ । ଯଦି କେହି ଗ୍ରହୀତା ନ ଥିବେ, ତେବେ ଦାନ ଦେବା ସମ୍ଭବ ନୁହେଁ । ଏଥିପାଇଁ ଦାନରେ ସହାୟକ ହେଉଥିବାରୁ ଏହାକୁ କାରକ କୁହାଯାଇଛି ।

କର୍ମ ଚାରି ପ୍ରକାରର—ଉତ୍ପାଦ୍ୟ, ବିକାର୍ଯ୍ୟ, ସଂସ୍କାର୍ଯ୍ୟ ଓ ଆପ୍ୟ [କେଉଁଠି କେଉଁଠି ନିର୍ବର୍ତ୍ତ୍ୟ, ବିକାର୍ଯ୍ୟ ଓ ପ୍ରାପ୍ୟ—ଏପରି ତିନି ପ୍ରକାରର ବୋଲି କୁହାଯାଇଛି] । ଏଥିମଧ୍ୟରୁ 'ଆପ୍ୟ' କର୍ମରେ ମଧ୍ୟ କୌଣସି ବିକୃତି ଆସେ ନାହିଁ; ଯଥା—'ମୁଁ ଧନ ପ୍ରାପ୍ତ କଲି', ତେବେ ଧନରେ କୌଣସି ବିକୃତି ଆସିଲା ନାହିଁ ।

୭. ଅସତ୍‌ର ବର୍ଣ୍ଣନ

ଯାହା କୌଣସି ବି ସ୍ଥାନ, କାଳ, କ୍ରିୟା, ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ଆଦିରେ ଅବିଦ୍ୟମାନ, ତାହା କେଉଁଠି ବି ବିଦ୍ୟମାନ ନୁହେଁ ଅର୍ଥାତ୍ ତାହା ସର୍ବଦା ଅବିଦ୍ୟମାନ ଓ ଅସତ୍—**'ନାସତୋ ବିଦ୍ୟତେ ଭାବଃ'** (ଗୀତା ୨ । ୧୬) ।

ଯାହା କୌଣସି ସ୍ଥାନରେ ଅଛି ଓ କୌଣସି ସ୍ଥାନରେ ନାହିଁ, ତାହା କୌଣସି ବି ସ୍ଥାନରେ ନାହିଁ । ଯାହା କୌଣସି କାଳରେ ଅଛି ଓ କୌଣସି କାଳରେ ନାହିଁ, ତାହା କୌଣସି ବି କାଳରେ ନାହିଁ । ଯାହା କୌଣସି କ୍ରିୟାରେ ଅଛି ଓ କୌଣସି କ୍ରିୟାରେ ନାହିଁ, ତାହା କୌଣସି ବି କ୍ରିୟାରେ ନାହିଁ । ଠିକ୍ ଏହିପରି ଯାହା କୌଣସି ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ଆଦିରେ ନାହିଁ, ତାହା କୌଣସି ବି ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ଆଦିରେ ନାହିଁ ।

ଯାହା କୌଣସି ଶରୀରରେ ଅଛି ଓ କୌଣସି ଶରୀରରେ ନାହିଁ, ତାହା କୌଣସି ବି ଶରୀରରେ ନାହିଁ । ଯାହା କୌଣସି ବର୍ଣ୍ଣରେ ଅଛି ଓ କୌଣସି ବର୍ଣ୍ଣରେ ନାହିଁ, ତାହା କୌଣସି ବି ବର୍ଣ୍ଣରେ ନାହିଁ । ଯାହା କୌଣସି ଜାତିରେ ଅଛି ଓ କୌଣସି ଜାତିରେ ନାହିଁ, ତାହା କୌଣସି ବି ଜାତିରେ ନାହିଁ । ଏହିପରି ଯାହା କୌଣସି ଆଶ୍ରମରେ ଅଛି ଓ କୌଣସି ଆଶ୍ରମରେ ନାହିଁ, ତାହା କୌଣସି ବି ଆଶ୍ରମରେ ନାହିଁ । ଯାହା କୌଣସି ସମୁଦାୟରେ ଅଛି ଓ କୌଣସି ସମୁଦାୟରେ ନାହିଁ, ତାହା କୌଣସି ବି ସମୁଦାୟରେ ନାହିଁ; ଯଦି ଅଛି, ତାହା ଆଗନ୍ତୁକ ।

ଯେଉଁ କର୍ତ୍ତୃତ୍ୱ କୌଣସି ଏକ ବ୍ୟକ୍ତିଠାରେ ଅଛି ଓ ଅନ୍ୟ ବ୍ୟକ୍ତିଠାରେ ନାହିଁ, ତାହା ବସ୍ତୁତଃ କୌଣସି ବି ବ୍ୟକ୍ତିଠାରେ ନାହିଁ

ଅର୍ଥାତ୍ ତାହା ବାସ୍ତବରେ କର୍ତ୍ତୃତ୍ୱ ନୁହେଁ, କେବଳ ଏକ ସ୍ୱୀକୃତି । କାମ, କ୍ରୋଧ, ଲୋଭ, ମୋହ ପ୍ରଭୃତି ବୃତ୍ତି କେବେ କେବେ ରହୁଛି ତ କେବେ କେବେ ରହୁ ନାହିଁ, ଅତଏବ ତାହା କେବେ ବି ରହୁ ନାହିଁ ବୋଲି ପ୍ରମାଣିତ ହେଲା ଅର୍ଥାତ୍ ସେଗୁଡ଼ିକ ସର୍ବଦା ଅବିଦ୍ୟମାନ । ଯଦି ବାସ୍ତବରେ ଏହି ବୃତ୍ତିଗୁଡ଼ିକ ଥାଆନ୍ତା, ତେବେ କଦାପି କ୍ଷୟ ହୁଅନ୍ତା ନାହିଁ ଅଥବା ନଷ୍ଟ ହୁଅନ୍ତା ନାହିଁ ।

ବସ୍ତୁତଃ କାମକ୍ରୋଧାଦି ବିକାରଗୁଡ଼ିକର ସ୍ୱତନ୍ତ୍ର ସତ୍ତା ନାହିଁ । ବିକାର ଓ ସତ୍ତା ପରସ୍ପରର ବିରୋଧୀ । ଯାହା ବିକାର, ତାହାର ସତ୍ତା ଅସମ୍ଭବ ଏବଂ ଯାହାର ସତ୍ତା ଅଛି, ସେଥିରେ ବିକାର ଅସମ୍ଭବ । ମାତ୍ର ଅଜ୍ଞାନବଶତଃ ନିଜଠାରେ କାମକ୍ରୋଧାଦି ବିକାରଗୁଡ଼ିକର ସତ୍ତା ସ୍ୱୀକାର କଲେ ସେଗୁଡ଼ିକ ନିଜଠାରେ ଥିବାପରି ମନେହୁଏ । ସେଗୁଡ଼ିକୁ ନିଜଠାରେ ସତ୍ତା ଦେଇ ନଷ୍ଟ କରିବାର ଚେଷ୍ଟା କରିବା ଦ୍ୱାରା ସେଗୁଡ଼ିକର ସତ୍ତା ଆହୁରି ଦୃଢ଼ ହୁଏ* । ଆମେ ମନକୁ ସତ୍ତା ଦେଇଛୁ, ସେଥିପାଇଁ ସ୍ଫୁରଣ ଓ ସଙ୍କଳ୍ପ ଜାତ ହେଉଛି । ସ୍ଫୁରଣ ଓ ସଙ୍କଳ୍ପ ପରିବର୍ତ୍ତନଶୀଳ । ସତ୍ତାରେ ପରିବର୍ତ୍ତନ ହୁଏ ନାହିଁ ଏବଂ ଯେଉଁଥିରେ ପରିବର୍ତ୍ତନ ହୁଏ, ତାହାର ସତ୍ତା ନ ଥାଏ ।

---

* ଏଠାରେ ସନ୍ଦେହ ହୋଇପାରେ ଯେ ଯଦି କାମକ୍ରୋଧାଦି ବିକାରଗୁଡ଼ିକର ସତ୍ତା ନାହିଁ, ତେବେ ସେଗୁଡ଼ିକୁ ନିଜଠାରେ ଥିବାର ମାନିନେବା ଦ୍ୱାରା ସାଧକର ପତନ ହୁଏ କିପରି? ଏହାର ସମାଧାନ ହେଲା—ଯେପରି କୌଣସି ଭୟଙ୍କର ସ୍ୱପ୍ନ ଦେଖିଲେ ନିଦ ଭାଙ୍ଗିଯିବାପରେ ମଧ୍ୟ ଛାତି ଦମଦମ ଓ ଦେହ ଥରଥର ହୁଏ ଅର୍ଥାତ୍ ସ୍ୱପ୍ନର ଘଟଣାର ପ୍ରଭାବ ଜାଗ୍ରତରେ ପଡ଼େ, ସେହିପରି ସତ୍ତା ନ ଥିଲେ ମଧ୍ୟ ନିଜଠାରେ ଥିବାର ମାନିନେବାରୁ କାମକ୍ରୋଧାଦି ବିକାର ସାଧକର ପତନ କରିଦିଅନ୍ତି । ପତନର ଅର୍ଥ— ପୂର୍ବରୁ ଯେପରି ସ୍ଥିତି ଥିଲା, ସେପରି ସ୍ଥିତି ନ ରହିବା ଅର୍ଥାତ୍ ସାଧକପଣ ନ ରହିବା । ଯଦି ସାଧକପଣ ନ ରହିବ, ତେବେ ସାଧ୍ୟପ୍ରାପ୍ତି ହେବ କିପରି? ପତନର ବିଷୟ ଯେପରି, ଉତ୍‌ଥାନର ବିଷୟ ମଧ୍ୟ ଠିକ୍ ସେହିପରି । ଅଦ୍ୱୈତ ତତ୍ତ୍ୱରେ ଗୁରୁ-ଶିଷ୍ୟର ଭେଦ ନାହିଁ, ମାତ୍ର ଗୁରୁ-ଶିଷ୍ୟଙ୍କ ସଂବାଦରୁ ଶିଷ୍ୟକୁ ତତ୍ତ୍ୱପ୍ରାପ୍ତି ହୋଇଯାଏ ।

ଯାହା ସଦା ଅବିଦ୍ୟମାନ, ତାହାର ସତ୍ତା ଭୁଲ୍‌ରେ ମାନି ନିଆଯାଇଛି ଓ ତାହାକୁ ଭୁଲ୍‌ରେ ସତ୍ତା ପ୍ରଦାନ କରାଯାଇଛି । ମାନିଥିବା ସତ୍ତା ସତ୍ତା ନୁହେଁ, କଳ୍ପିତ ସତ୍ତା ସତ୍ତା ନୁହେଁ, ପ୍ରଦତ୍ତ ସତ୍ତା ସତ୍ତା ନୁହେଁ । ସେହିପରି ସଂସାରର ସତ୍ତା କେବଳ ଶ୍ରୁତ, କଥିତ ଓ ଚିନ୍ତିତ ସତ୍ତା ଅଟେ, ପ୍ରକୃତରେ ସଂସାରର ସ୍ୱତନ୍ତ୍ର ସତ୍ତା ନାହିଁ । ମାତ୍ର ଅଗ୍ନିରେ ଯେପରି କାଠ, କୋଇଲା, ଗୋଡ଼ି, ପଥର ଆଦି ଯାହା କିଛି ରଖିଦେଲେ ବି ତାହା ଉଜ୍ଜ୍ୱଳ ଦେଖାଯାଏ, ସେହିପରି ସ୍ୱୟଂ ସତ୍‌ସ୍ୱରୂପ ହୋଇଥିବାରୁ ସେ ଯାହାର ସତ୍ତା ମାନିନିଏ, ତାହାର ସତ୍ତା ଦୃଶ୍ୟ ହେବାକୁ ଲାଗେ ।

ଅସତ୍ ପ୍ରତୀତ ହୋଇପାରେ, କିନ୍ତୁ ତାହାର ସତ୍ତା ଅସମ୍ଭବ । କାରଣ ଯାହାର କେବେ ବି ଓ କେଉଁଠି ବି ଅଭାବ (ଅବିଦ୍ୟମାନତା) ହୁଏ, ତାହାର ସର୍ବଦା ଓ ସର୍ବତ୍ର ହିଁ ଅଭାବ ଥାଏ । ମାତ୍ର ସତ୍‌ତତ୍ତ୍ୱ ପରମାତ୍ମାଙ୍କର କୌଣସି ବି ସ୍ଥାନ, କାଳ, କ୍ରିୟା, ବସ୍ତୁ, ବ୍ୟକ୍ତି, ଅବସ୍ଥା, ପରିସ୍ଥିତି, ଘଟଣା ଆଦିରେ ଅଭାବ ନାହିଁ । ଯାହାର କେଉଁଠି ଓ କେତେବେଳେ ବି ଅଭାବ ନାହିଁ, ତାହା ସର୍ବଦା ଓ ସର୍ବତ୍ର ବିଦ୍ୟମାନ— **'ନାଭାବୋ ବିଦ୍ୟତେ ସତଃ'** (ଗୀତା ୨ । ୧୬) । ସ୍ଥାନ, କାଳ, କ୍ରିୟା, ବସ୍ତୁ, ବ୍ୟକ୍ତି ପ୍ରଭୃତି ପୂର୍ବରୁ ନ ଥିଲେ, ପରେ ବି ରହିବେ ନାହିଁ ଏବଂ ବର୍ତ୍ତମାନ ମଧ୍ୟ ପ୍ରତିକ୍ଷଣ ଅଭାବରେ ପରିଣତ ହେଉଛନ୍ତି । କିନ୍ତୁ ପରମାତ୍ମା ପୂର୍ବରୁ ବି ଥିଲେ, ପରେ ବି ରହିବେ ଓ ବର୍ତ୍ତମାନ ମଧ୍ୟ ଯଥାବତ୍ ବିଦ୍ୟମାନ । ପରମାତ୍ମା କଦାପି ବଦଳି ନ ଥିଲେ, କଦାପି ବଦଳିବେ ନାହିଁ ଓ କଦାପି ବଦଳିବା ସମ୍ଭବ ନୁହେଁ । ସେ ନିତ୍ୟ ଓ ନିରନ୍ତର ଯଥାବତ୍ ରହନ୍ତି । ସେ କାହା ଦୃଷ୍ଟିରେ ଥାଆନ୍ତି ତ ଆଉ କାହା ଦୃଷ୍ଟିରେ ନ ଥାନ୍ତି; ମାତ୍ର ଏହାଦ୍ୱାରା ତାଙ୍କର ଅଭାବ ପ୍ରତିପାଦିତ ହୁଏ ନାହିଁ, ଏହା ତ ଦୃଷ୍ଟିଦୋଷ ଓ ଦୃଷ୍ଟିର ଅଭାବ, ଯଦ୍ଦ୍ୱାରା ସେ ଥିଲେ ମଧ୍ୟ ନ ଥିବାପରି ଜଣାପଡ଼ନ୍ତି ।

ସଂସାରର ନିବୃତ୍ତି ନିତ୍ୟ, ନିରନ୍ତର, ସହଜ ଓ ସ୍ୱାଭାବିକ ଏବଂ

ପରମାତ୍ମାଙ୍କର ପ୍ରାପ୍ତି ନିତ୍ୟ, ନିରନ୍ତର, ସହଜ ଓ ସ୍ୱାଭାବିକ। ସଂସାର ପ୍ରତୀତ ହୁଏ, ପ୍ରାପ୍ତ ହୁଏ ନାହିଁ। ପ୍ରତୀତି ପ୍ରାପ୍ତ ହୁଏ ନାହିଁ ଓ ପ୍ରାପ୍ତ ପ୍ରତୀତ ହୁଏ ନାହିଁ। ପ୍ରତୀତି ସର୍ବଥା ନିବୃତ୍ତ ଅଟେ। ଏହି ନିବୃତ୍ତିର ବିନାଶ ନାହିଁ ଅର୍ଥାତ୍ ସଂସାରର ଅଭାବର କଦାପି ଅଭାବ ହୁଏ ନାହିଁ, ଏହି ଅଭାବ ନିତ୍ୟ ଅଟେ।

ଯେଉଁମାନଙ୍କର ସଂସାର ପ୍ରତି ଆସକ୍ତି ରହିଛି, ସେହିମାନଙ୍କୁ ହିଁ କହିବାକୁ ପଡ଼େ ଯେ 'ସଂସାର ନାହିଁ, କେବଳ ପରମାତ୍ମା ଅଛନ୍ତି'। ଯେଉଁମାନଙ୍କର ସଂସାର ପ୍ରତି ଆସକ୍ତି ନାହିଁ, ସେମାନଙ୍କୁ କେବଳ ଏତିକି କହିବାକୁ ପଡ଼େ ଯେ 'ପରମାତ୍ମା ଅଛନ୍ତି'। ଉଦାହରଣାର୍ଥ— ରସିରେ ସାପର ଭ୍ରମ ହେଲେ ଭୟାଳୁ ବ୍ୟକ୍ତିକୁ କହିବାକୁ ପଡ଼େ ଯେ 'ଏହା ସାପ ନୁହେଁ, ରସି'; ମାତ୍ର ନିର୍ଭୟ ବ୍ୟକ୍ତିକୁ କେବଳ 'ଏହା ରସି' କହିବା ଯଥେଷ୍ଟ। ତାତ୍ପର୍ଯ୍ୟ ହେଲା, ସଂସାର ପ୍ରତି ଆସକ୍ତି ଥିଲେ ଓ ସଂସାରର ସତ୍ତା ମାନୁଥିଲେ ହିଁ ସଂସାରକୁ ନିବୃତ୍ତ କରିବାକୁ ପଡ଼େ, ନଚେତ୍ ଯାହା ସହଜ, ସ୍ୱାଭାବିକ, ନିତ୍ୟ ଓ ନିରନ୍ତର ନିବୃତ୍ତ, ତାହାକୁ ନିବୃତ୍ତ ବୋଲି କହିବା ମଧ୍ୟ ନିଷ୍ପ୍ରୟୋଜନ!

ସଂସାରର ସ୍ୱରୂପ ହେଉଛି ପଦାର୍ଥ ଓ କ୍ରିୟା। ଯେତେବେଳେ ଅଜ୍ଞତା ଯୋଗୁଁ ଆମେ ସଂସାରର ସତ୍ତା ମାନିନେଉ, ସେତେବେଳେ ପଦାର୍ଥକୁ ନେଇ ସଂଯୋଗ(ପାଇବା)ର ରୁଚି ଓ କ୍ରିୟାକୁ ନେଇ କରିବାର ରୁଚି ଉତ୍ପନ୍ନ ହୁଏ। ପଦାର୍ଥସଂଯୋଗର ଓ କରିବାର ରୁଚି ଉତ୍ପନ୍ନ ହେଲେ ନିତ୍ୟ ନିବୃତ୍ତିରେ ମଧ୍ୟ ପ୍ରବୃତ୍ତି ପ୍ରତୀୟମାନ ହୁଏ। ମାତ୍ର ପ୍ରବୃତ୍ତି ପ୍ରତୀୟମାନ ହେଲେ ମଧ୍ୟ ନିବୃତ୍ତି ଯଥାବତ୍ ଥାଏ। ଅତଏବ ପଦାର୍ଥସଂଯୋଗର ଓ କ୍ରିୟା କରିବାର ରୁଚିର ପରିଣାମରେ ଅଭାବ (ଶୂନ୍ୟତା) ବ୍ୟତୀତ ଆଉ କିଛି ମିଳେ ନାହିଁ, ଯାହା କି କେହି କଦାପି ଚାହେଁ ନାହିଁ।

ଜୀବ ଜଡ଼-ଅଂଶର ପ୍ରାଧାନ୍ୟରୁ ସଂସାର ଆଡ଼କୁ ଆକର୍ଷିତ ହୁଏ

ଏବଂ ଚେତନ-ଅଂଶର ପ୍ରାଧାନ୍ୟରୁ ପରମାତ୍ମାଙ୍କ ଆଡ଼କୁ ଆକର୍ଷିତ ହୁଏ। ଦୁଇ ଆଡ଼କୁ ଆକର୍ଷିତ ହେଉଥିଲେ ମଧ୍ୟ ସଂସାର ଆଡ଼କୁ ଆକର୍ଷିତ ହେବାର ପରିଣାମରେ କେବଳ ଅଭାବ ହିଁ ମିଳେ ଅର୍ଥାତ୍ କିଛି ମିଳେ ନାହିଁ ଏବଂ ପରମାତ୍ମାଙ୍କ ଆଡ଼କୁ ଆକର୍ଷିତ ହେବାର ପରିଣାମରେ ପ୍ରେମ ମିଳିଯାଏ ଓ ପରମାତ୍ମା ମିଳିଯାଆନ୍ତି, ଯାହା ମିଳିବା ଦ୍ୱାରା ଆଉ କିଛି ବି ମିଳିବା ବାକି ରହେ ନାହିଁ। ପ୍ରେମ ଓ ବୋଧ ଏକ ତଥା ଅଭିନ୍ନ। ବୋଧ ବିନା ପ୍ରେମ 'ଆସକ୍ତି' ଅଟେ; କାରଣ ସଂସାରର ଅଭାବର ବୋଧ ନ ହେଲେ ସଂସାର ପ୍ରତି ଆସକ୍ତି ହୁଏ, ପ୍ରେମ ହୁଏ ନାହିଁ ଏବଂ ପ୍ରେମ ବିନା ବୋଧ 'ଶୂନ୍ୟ' ଅଟେ; କାରଣ ସଂସାରର ଅଭାବ କରି କରି ଅଭାବ (ଶୂନ୍ୟ) ହିଁ ଅବଶେଷ ରହିଯାଏ।

ଅସତ୍‌ଠାରୁ ପୃଥକ୍ ନ ହେଲେ ଅସତ୍ ସମ୍ବନ୍ଧରେ ଜ୍ଞାନ ହୁଏ ନାହିଁ; କାରଣ ବସ୍ତୁତଃ ଆମେ ଅସତ୍‌ଠାରୁ ସମ୍ପୂର୍ଣ୍ଣ ପୃଥକ୍। ସତ୍ ସହିତ ଅଭିନ୍ନ ନ ହେଲେ ସତ୍ ସମ୍ବନ୍ଧରେ ଜ୍ଞାନ ହୁଏ ନାହିଁ; କାରଣ ବସ୍ତୁତଃ (ସ୍ୱରୂପ ଦୃଷ୍ଟିରୁ) ଆମେ ସତ୍ ସହିତ ସମ୍ପୂର୍ଣ୍ଣ ଅଭିନ୍ନ! ଅସତ୍‌ଠାରୁ ପୃଥକ୍ ହେବାର ଅର୍ଥ—ଅସତ୍ ପ୍ରତି ଆସକ୍ତି ନ ହେବା ଏବଂ ସତ୍ ସହିତ ଅଭିନ୍ନ ହେବାର ଅର୍ଥ—ସତ୍ ପ୍ରତି ପ୍ରିୟତ୍ୱ ହେବା।

ଅସତ୍ ସଦାସର୍ବଦା ନିବୃତ୍ତ ରହୁଥିଲେ ମଧ୍ୟ ତାହା ପ୍ରତି ଆସକ୍ତି, ଆକର୍ଷଣ, ମହତ୍ତ୍ୱବୁଦ୍ଧି, ସୁଖବୁଦ୍ଧି ହେବାରୁ ଅସତ୍ ସମ୍ବନ୍ଧରେ ଜ୍ଞାନ ହେଉ ନାହିଁ ଅର୍ଥାତ୍ ଅସତ୍ ନିବୃତ୍ତ ହେଉ ନାହିଁ; ଏବଂ ସତ୍ ସଦାସର୍ବଦା ପ୍ରାପ୍ତ ରହୁଥିଲେ ମଧ୍ୟ ତାହା ପ୍ରତି ପ୍ରିୟତ୍ୱ ନ ହେବାରୁ ସତ୍ ସମ୍ବନ୍ଧରେ ଜ୍ଞାନ ହେଉ ନାହିଁ ଅର୍ଥାତ୍ ସତ୍ ପ୍ରାପ୍ତ ହେଉ ନାହିଁ, କେବଳ ଚର୍ଚ୍ଚା ବା ଶିଖିବା ହିଁ ସାର ହେଉଛି। କେବଳ ଶିଖିବା ଦ୍ୱାରା ନିଜ ଜ୍ଞାନର ଅଭିମାନ ହୋଇପାରେ, କିନ୍ତୁ ଅନୁଭବ ହେବା ଅସମ୍ଭବ।

ଅସତ୍ ପ୍ରତି ଆସକ୍ତି ନ ହେଲେ ଅସତ୍ ସମ୍ବନ୍ଧରେ ଜ୍ଞାନ

ହୋଇଯିବ । ଅସତ୍ ସମ୍ବନ୍ଧରେ ଜ୍ଞାନ ହେବାମାତ୍ରେ ଅର୍ଥାତ୍ ଅସତ୍‌କୁ ଅସତ୍ (ଅଭାବ) ସ୍ୱରୂପ ବୋଲି ଜାଣିବାମାତ୍ରେ ଅସତ୍ ନିବୃତ୍ତ ଓ ସତ୍ ପ୍ରାପ୍ତ ହୋଇଯାଏ ଏବଂ ସମସ୍ତ ଦୁଃଖ ସମାପ୍ତ ହୋଇଯାଏ । ସତ୍ ପ୍ରତି ପ୍ରିୟତ୍ୱ ହେଲେ ସତ୍ ସମ୍ବନ୍ଧରେ ଜ୍ଞାନ ହୁଏ । ସତ୍ ସମ୍ବନ୍ଧରେ ଜ୍ଞାନ ହେବାମାତ୍ରେ ଅର୍ଥାତ୍ ସତ୍‌କୁ ସତ୍ (ଭାବ) ସ୍ୱରୂପ ବୋଲି ଜାଣିବାମାତ୍ରେ ସତ୍ ପ୍ରାପ୍ତ ହୋଇଯାଏ ଓ ଆନନ୍ଦ ମିଳିଯାଏ ।

ଅସତ୍‌ର ନିବୃତ୍ତି ଓ ସତ୍‌ର ପ୍ରାପ୍ତି—ଉଭୟ ଏକା କଥା । ସେହିପରି ସମସ୍ତ ଦୁଃଖର ବିନାଶ ଓ ଆନନ୍ଦର ପ୍ରାପ୍ତି ମଧ୍ୟ ଏକା କଥା, କେବଳ କହିବାରେ ପ୍ରଭେଦ । କାରଣ ବାସ୍ତବରେ ଅସତ୍ କଦାପି ନ ଥିଲା, ନାହିଁ ଓ ରହିବ ନାହିଁ; କିନ୍ତୁ ସତ୍ (ପରମାତ୍ମା) ସର୍ବଦା ଥିଲେ ଓ ସର୍ବଦା ରହିବେ ମଧ୍ୟ । ସତ୍‌କୁ ମାନନ୍ତୁ ବା ନ ମାନନ୍ତୁ, ଜାଣନ୍ତୁ ବା ନ ଜାଣନ୍ତୁ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଅନୁଭବ କରନ୍ତୁ ବା ନ କରନ୍ତୁ, ସତ୍‌ର ସତ୍ତା ସର୍ବଦା ବିଦ୍ୟମାନ ।

□□

୮. ବର୍ଣ୍ଣନାତୀତର ବର୍ଣ୍ଣନ

[ସାଧକ ଉକ୍ତ ବିଷୟଟିକୁ ଏକାନ୍ତରେ ବସି ଶୁଦ୍ଧ ଚିତ୍ତରେ ପଢ଼ନ୍ତୁ । କେବଳ ଶବ୍ଦ ଉପରେ ଦୃଷ୍ଟି ନ ଦେଇ ଅର୍ଥ ଓ ତତ୍ତ୍ୱ ଆଡ଼କୁ ଦୃଷ୍ଟି ଦେଇ ପଢ଼ନ୍ତୁ, ପଢ଼ିସାରି ବିଗ୍ଚର କରନ୍ତୁ ଓ ବିଗ୍ଚର କରିସାରି ବାହ୍ୟ ଓ ଅଭ୍ୟନ୍ତରରେ ଚୁପ୍ ହୋଇଯାଆନ୍ତୁ । ଏହାଦ୍ୱାରା ତତ୍ତ୍ୱରେ ସ୍ୱତଃସିଦ୍ଧ ସ୍ଥିରତା ଜାଗ୍ରତ ହୋଇଯିବ ଅର୍ଥାତ୍ ସହଜାବସ୍ଥାର ଅନୁଭବ ହେବ ଏବଂ ମନୁଷ୍ୟଜୀବନ ସଫଳ ହୋଇଯିବ ।*]

ସତ୍‌ତତ୍ତ୍ୱ ଏକ ବା ଅଦ୍ୱିତୀୟ ଅଟେ । ସେହି ତତ୍ତ୍ୱର ବର୍ଣ୍ଣନା ଅସମ୍ଭବ; କାରଣ ତାହା ମନ (ବୁଦ୍ଧି) ଓ ବାଣୀର ବିଷୟ ନୁହେଁ—

---

* ଏଠାରେ ପ୍ରଶ୍ନ ଉଠେ ଯେ ବର୍ଣ୍ଣନାତୀତର ପୁଣି ବର୍ଣ୍ଣନ ସମ୍ଭବ କିପରି ଏବଂ ଯାହାର ବର୍ଣ୍ଣନ ହୁଏ, ତାହା ବର୍ଣ୍ଣନାତୀତ କିପରି? ଏହାର ଉତ୍ତର ହେଲା, ଯଦ୍ୟପି ତତ୍ତ୍ୱ ବର୍ଣ୍ଣନାତୀତ, ତଥାପି ତାହାକୁ ସଙ୍କେତ କରିବା ପାଇଁ ଏଠାରେ ତାହାର ବର୍ଣ୍ଣନା କରାଯାଇଛି । ଗୀତାରେ ମଧ୍ୟ ଭଗବାନ **'ଅଚିନ୍ତ୍ୟରୂପଂ ଅନୁସ୍ମରେତ୍'** (୮ । ୯) ପଦରେ ଅଚିନ୍ତ୍ୟର ଚିନ୍ତନ କରିବାକୁ କହିଛନ୍ତି । ଯାହା ଅଚିନ୍ତ୍ୟ, ତାହାର ଚିନ୍ତନ ସମ୍ଭବ କିପରି ଏବଂ ଯାହାର ଚିନ୍ତନ କରି ହୁଏ, ତାହା ଅଚିନ୍ତ୍ୟ କିପରି? ଏହାର ତାତ୍ପର୍ଯ୍ୟ ହେଲା, ଯଦ୍ୟପି ପରମାତ୍ମା ଅଚିନ୍ତ୍ୟ, ତଥାପି ଚିନ୍ତନକାରୀ ତାଙ୍କୁ ନିଜର ଲକ୍ଷ୍ୟ କରିପାରିବ । ଏହିପରି ମଧ୍ୟ ଗୀତାରେ ଗୁଣାତୀତ ପୁରୁଷର ଲକ୍ଷଣ ବର୍ଣ୍ଣିତ ହୋଇଛି (୧୪ । ୨୧—୨୫); ତେବେ ଯେ ଗୁଣାତୀତ, ତା'ର ଲକ୍ଷଣ ପୁଣି କ'ଣ ଏବଂ ଯାହାର ଲକ୍ଷଣ ଅଛି, ସେ ଗୁଣାତୀତ କିପରି? କାରଣ ଲକ୍ଷଣ ତ ଗୁଣରୁ ହିଁ ଉତ୍ପନ୍ନ । ଏହାର ତାତ୍ପର୍ଯ୍ୟ ହେଲା, ଲୋକେ ପୂର୍ବରୁ ଯେଉଁ ଶରୀର ଓ ଅନ୍ତଃକରଣରେ ଗୁଣାତୀତ ପୁରୁଷର ସ୍ଥିତି ସ୍ୱୀକାର କରୁଥିଲେ, ସେହି ଶରୀର ଓ ଅନ୍ତଃକରଣର ଲକ୍ଷଣକୁ ସେମାନେ ତା'ଠାରେ ଆରୋପ କରି କହନ୍ତି ଯେ ଏ ହେଉଛି ଗୁଣାତୀତ ମନୁଷ୍ୟ । ଅତଏବ ସେ ଲକ୍ଷଣଗୁଡ଼ିକ ଗୁଣାତୀତ ମନୁଷ୍ୟକୁ ଚିହ୍ନିବାର ସଙ୍କେତମାତ୍ର । ଠିକ୍ ଏହିପରି ସମତାରେ ସ୍ଥିତ ମନୁଷ୍ୟଙ୍କ ସ୍ଥିତିକୁ ଜାଣିବା ପାଇଁ କୁହାଯାଇଛି ଯେ ଯାହାର ମନ ସମତାରେ ସ୍ଥିତ, ସେ ସମରୂପ ବ୍ରହ୍ମରେ ହିଁ ସ୍ଥିତ (୫ । ୧୯) ।

'ଯତୋ ବାଗ୍ଭେ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ' (ତୈତ୍ତିରୀୟ. ୨ । ୯), ***'ମନ ସମେତ ଜେହି ଜାନ ନ ବାନୀ । ତରକି ନ ସକହିଁ ସକଲ ଅନୁମାନୀ ॥'*** (ମାନସ ୧ । ୩୪୧ । ୪) । ଯେଉଁଠି ବର୍ଣ୍ଣନା, ସେଠି ତତ୍ତ୍ୱ ନାହିଁ ଏବଂ ଯେଉଁଠି ତତ୍ତ୍ୱ, ସେଠି ବର୍ଣ୍ଣନା ନାହିଁ । ସେହି ତତ୍ତ୍ୱ ଦିଗକୁ ଆମର ଲକ୍ଷ୍ୟ ନାହିଁ, ତେଣୁ ସେ ଦିଗକୁ କେବଳ ଲକ୍ଷ୍ୟ କରାଇବା ପାଇଁ ହିଁ ତାହାର ବର୍ଣ୍ଣନା କରାଯାଏ । ମାତ୍ର ତାହା ପ୍ରତି ଯଦି ଲକ୍ଷ୍ୟ ନ କରି ଆମେ କେବଳ ଶିଖିଯାଉ, ତେବେ ତାହା ବର୍ଣ୍ଣନା ମଧ୍ୟରେ ସୀମିତ ରହିଯାଏ, ତତ୍ତ୍ୱପ୍ରାପ୍ତି ହୁଏ ନାହିଁ । ତାହା ପ୍ରତି ଲକ୍ଷ୍ୟ ରଖି ବର୍ଣ୍ଣନା କଲେ ବର୍ଣ୍ଣନା ତ ରହେ ନାହିଁ, ମାତ୍ର ତତ୍ତ୍ୱ ରହିଯାଏ । ତାତ୍ପର୍ଯ୍ୟ ହେଲା, ତାହାର ବର୍ଣ୍ଣନା କରି କରି ଯେତେବେଳେ ବାଣୀ ଥକିପଡ଼ି ଅଟକିଯାଏ ଓ ତାହାର ଚିନ୍ତନ କରି କରି ଯେତେବେଳେ ମନ ଥକିପଡ଼ି ଅଟକିଯାଏ, ସେତେବେଳେ ସ୍ୱତଃ ସେହି ତତ୍ତ୍ୱ ରହିଯାଏ ତଥା ପ୍ରାପ୍ତ ହୋଇଯାଏ । ବସ୍ତୁତଃ ତାହା ପୂର୍ବରୁ ହିଁ ପ୍ରାପ୍ତ ଥିଲା, କେବଳ ଅପ୍ରାପ୍ତିର ଭ୍ରମ ନଷ୍ଟ ହୋଇଯାଏ ।

ପ୍ରକୃତିଜନିତ କୌଣସି କ୍ରିୟା, ପଦାର୍ଥ, ବୃତ୍ତି, ଚିନ୍ତନ ପ୍ରଭୃତି ସେହି ତତ୍ତ୍ୱ ନିକଟରେ ପହଞ୍ଚିପାରେ ନାହିଁ । ପ୍ରକୃତିରୁ ଅତୀତ ତତ୍ତ୍ୱ ନିକଟରେ ପ୍ରକୃତିଜ ପଦାର୍ଥ ପହଞ୍ଚିବା ସମ୍ଭବ ବା ହେବ କିପରି! ଅତଏବ ତତ୍ତ୍ୱର ବର୍ଣ୍ଣନା ହୁଏ ନାହିଁ, ବରଂ ପ୍ରାପ୍ତି ହୁଏ । ପ୍ରାପ୍ତି ବୋଲି କହିବା ମଧ୍ୟ ଅପ୍ରାପ୍ତିର ସାପେକ୍ଷ ଅର୍ଥାତ୍ ତାହାକୁ ଆମେ ଅପ୍ରାପ୍ତ ମାନିଛୁ, ସେଥିପାଇଁ ପ୍ରାପ୍ତି କହିବାକୁ ପଡୁଛି । ବସ୍ତୁତଃ ସେହି ତତ୍ତ୍ୱ ସ୍ୱତଃ ସମସ୍ତଙ୍କୁ ନିରନ୍ତର ପ୍ରାପ୍ତ । ଅପ୍ରାପ୍ତି କେବଳ ଏକ ଧାରଣା । ଅସତ୍‌କୁ ସତ୍ ମାନିବାରୁ ଓ ଅପ୍ରାପ୍ତକୁ ପ୍ରାପ୍ତ ମାନିବାରୁ ସେହି ତତ୍ତ୍ୱ ଅପ୍ରାପ୍ତ ପରି ଦେଖାଗଲା । ଅସତ୍‌କୁ ଯେତେ ସତ୍ତା ବା ମହତ୍ତ୍ୱ ଦେବା, ସେତେ ତାହାର ସତ୍ତା ଦେଖାଯିବ ଓ ତତ୍ତ୍ୱ ଅପ୍ରାପ୍ତ ଦେଖାଯିବ । ଅପ୍ରାପ୍ତ ଦେଖାଗଲେ ମଧ୍ୟ ତାହା ନିତ୍ୟପ୍ରାପ୍ତ ଅର୍ଥାତ୍ ନ ଦେଖାଗଲେ ମଧ୍ୟ

ତତ୍ତ୍ୱରେ କଦାପି ତିଳେମାତ୍ର ପାର୍ଥକ୍ୟ ଆସେ ନାହିଁ । ଏହା ସିଦ୍ଧାନ୍ତ ଯେ, ଯାହା ସଦାକାଳରୁ ପ୍ରାପ୍ତ ତାହା ହିଁ ପ୍ରାପ୍ତ ହୁଏ ଏବଂ ଯାହା ସଦାକାଳରୁ ନିବୃତ୍ତ ତାହା ହିଁ ନିବୃତ୍ତ ହୁଏ । ତାତ୍ପର୍ଯ୍ୟ ହେଲା, ଯାହା ମିଳିଛି ତାହା ହିଁ ମିଳିବ ଏବଂ ଯାହା ବିଯୁକ୍ତ ହୋଇଛି ତାହା ହିଁ ବିଯୁକ୍ତ ହେବ । ନୂଆ କିଛି ମିଳିବାର ଓ ବିଯୁକ୍ତ ହେବାର ନାହିଁ । ନୂଆ ମିଳିଲେ ବି ତାହା ରହିବ ନାହିଁ, ନିଶ୍ଚୟ ବିଯୁକ୍ତ ହେବ ।

ସମସ୍ତ ଭେଦ ପ୍ରକୃତି(ଅସତ୍)ର ଅନ୍ତର୍ଗତ । ତତ୍ତ୍ୱରେ ତିଳେମାତ୍ର କୌଣସି ଭେଦ ନାହିଁ । ଯେତେବେଳେ ଆମେ ପଦାର୍ଥର ସତ୍ତା ସ୍ୱୀକାର କରି ଓ ତାହାକୁ ମହତ୍ତ୍ୱ ଦେଇ ତତ୍ତ୍ୱର ବର୍ଣ୍ଣନା କରୁ, ସେତେବେଳେ ସେହି ତତ୍ତ୍ୱ କେବଳ ବୁଦ୍ଧିର ବିଷୟ ହୋଇଯାଏ ଏବଂ ସେଥିରେ ଭେଦ ପରିଲକ୍ଷିତ ହୁଏ* । ସମସ୍ତ ଭେଦ ସାପେକ୍ଷ । ଅପେକ୍ଷା ଛାଡ଼ିଦେଲେ କୌଣସି ଭେଦ ରହେ ନାହିଁ, କେବଳ ତତ୍ତ୍ୱ ରହିଯାଏ । ଯେପରି—ଦିନ ଅପେକ୍ଷା ରାତି ତୁଳନୀୟ, ରାତି ଅପେକ୍ଷା ଦିନ ତୁଳନୀୟ, କିନ୍ତୁ ସୂର୍ଯ୍ୟଙ୍କଠାରେ ଦିନ ନାହିଁ କି ରାତି ନାହିଁ । ସମୁଦ୍ର ଅପେକ୍ଷା ତରଙ୍ଗ ତୁଳନୀୟ, ତରଙ୍ଗ ଅପେକ୍ଷା ସମୁଦ୍ର ତୁଳନୀୟ, କିନ୍ତୁ ଜଳତତ୍ତ୍ୱରେ ସମୁଦ୍ର ନାହିଁ କି ତରଙ୍ଗ ନାହିଁ ❋ । ସେହିପରି

---

* ଶାସ୍ତ୍ରରେ ତତ୍ତ୍ୱ ସମ୍ବନ୍ଧରେ ଯେଉଁ ସବୁ ବର୍ଣ୍ଣନା କରାଯାଇଛି, ତାହା ଆମ ଦୃଷ୍ଟିଭଙ୍ଗୀରେ ହିଁ କରାଯାଇଛି । ଆମେ ଅସତ୍‌ର ସତ୍ତା ସ୍ୱୀକାର କରିଛୁ, ଏଥିପାଇଁ ଶାସ୍ତ୍ରମାନେ ଆମରି ଦୃଷ୍ଟି ଅନୁସାରେ ଆମରି ଭାଷାରେ ଅସତ୍‌ର ନିବୃତ୍ତି ଓ ସତ୍‌ତତ୍ତ୍ୱର ବର୍ଣ୍ଣନା କରିଛନ୍ତି । ଦୃଷ୍ଟିଭେଦରେ ଦର୍ଶନରେ ଭିନ୍ନତା ରହିବାର ଏହା ହିଁ କାରଣ । ଦର୍ଶନ ଅନେକ ହୋଇଥିଲେ ମଧ୍ୟ ତତ୍ତ୍ୱ ଏକ । ଯେପର୍ଯ୍ୟନ୍ତ ଦ୍ରଷ୍ଟା, ଜ୍ଞାତା, ଦାର୍ଶନିକ ଓ ଦର୍ଶନ ଅଛି, ସେପର୍ଯ୍ୟନ୍ତ ତତ୍ତ୍ୱବର୍ଣ୍ଣନାରେ ପ୍ରଭେଦ ଅଛି । ଯେପର୍ଯ୍ୟନ୍ତ ପ୍ରଭେଦ ଅଛି, ସେପର୍ଯ୍ୟନ୍ତ ତତ୍ତ୍ୱ ନାହିଁ; କାରଣ ତତ୍ତ୍ୱରେ ପ୍ରଭେଦ ନାହିଁ । ପ୍ରକାରାନ୍ତରରେ କହିଲେ ଅହମ୍ (ଜଡ଼ ଓ ଚେତନର ଗ୍ରନ୍ଥି) ଥିବାପର୍ଯ୍ୟନ୍ତ ପ୍ରଭେଦ ଥାଏ । ଅହମ୍ ନଷ୍ଟ ହୋଇଗଲେ କୌଣସି ପ୍ରଭେଦ ରହେ ନାହିଁ, କେବଳ ତତ୍ତ୍ୱ ରହିଯାଏ ।

❋ ଈଶ୍ୱର ଓ ଜୀବ ବିଷୟରେ ଦୁଇ ପ୍ରକାର ବର୍ଣ୍ଣନା ଅଛି । ପ୍ରଥମତଃ, ଈଶ୍ୱର ସମୁଦ୍ର ଓ ମୁଁ ତାହାର ତରଙ୍ଗ ଅର୍ଥାତ୍ ତରଙ୍ଗ ହେଉଛି ସମୁଦ୍ରର । ଦ୍ୱିତୀୟତଃ, ମୋର

ଗୁଣର ଆପେକ୍ଷିକତା ଦୃଷ୍ଟିରୁ ସେହି ତତ୍ତ୍ୱକୁ ସଗୁଣ ଅଥବା ନିର୍ଗୁଣ ଏବଂ ଆକାରର ଆପେକ୍ଷିକତା ଦୃଷ୍ଟିରୁ ସେହି ତତ୍ତ୍ୱକୁ ସାକାର ଅଥବା ନିରାକାର କହନ୍ତି । ବସ୍ତୁତଃ ତତ୍ତ୍ୱ ସଗୁଣ ନୁହେଁ କି ନିର୍ଗୁଣ ନୁହେଁ; ସାକାର ନୁହେଁ କି ନିରାକାର ନୁହେଁ ।

ସେହି ଏକମାତ୍ର ତତ୍ତ୍ୱକୁ ହିଁ ପ୍ରକାଶ୍ୟର ଆପେକ୍ଷିକତାରେ 'ପ୍ରକାଶକ', ଆଶ୍ରିତର ଆପେକ୍ଷିକତାରେ 'ଆଶ୍ରୟ' ଓ ଆଧେୟର ଆପେକ୍ଷିକତାରେ 'ଆଧାର' କୁହାଯାଏ । ପ୍ରକାଶ୍ୟ, ଆଶ୍ରିତ ଓ ଆଧେୟ ତ ବ୍ୟାପ୍ୟ, ବିନାଶୀ ଓ ଅନେକ, କିନ୍ତୁ ପ୍ରକାଶକ, ଆଶ୍ରୟ ଓ ଆଧାର ବ୍ୟାପକ, ଅବିନାଶୀ ଓ ଏକ ଅଟେ । ପ୍ରକାଶ୍ୟ, ଆଶ୍ରିତ ଓ ଆଧେୟ ତ ରହିବ ନାହିଁ, କିନ୍ତୁ ପ୍ରକାଶକ, ଆଶ୍ରୟ ଓ ଆଧାର ରହିବ; ମାତ୍ର ତାହାର ପ୍ରକାଶକ, ଆଶ୍ରୟ ଓ ଆଧାର ନାମ ନ ରହି କେବଳ ତତ୍ତ୍ୱ ହିଁ ରହିବ । ତାତ୍ପର୍ଯ୍ୟ ହେଲା, ତତ୍ତ୍ୱ ପ୍ରକାଶ୍ୟ ନୁହେଁ କି ପ୍ରକାଶକ ନୁହେଁ, ଆଶ୍ରିତ ନୁହେଁ କି ଆଶ୍ରୟ ନୁହେଁ, ଆଧେୟ ନୁହେଁ କି ଆଧାର ନୁହେଁ ।

ସେହି ଏକମାତ୍ର ତତ୍ତ୍ୱକୁ ଶରୀର ସମ୍ବନ୍ଧରୁ ଶରୀରୀ, କ୍ଷେତ୍ର ସମ୍ବନ୍ଧରୁ କ୍ଷେତ୍ରୀ ବା କ୍ଷେତ୍ରଜ୍ଞ, କ୍ଷର ସମ୍ବନ୍ଧରୁ ଅକ୍ଷର, ଦୃଶ୍ୟ ସମ୍ବନ୍ଧରୁ

ସ୍ୱରୂପ ସମୁଦ୍ର ଓ ଈଶ୍ୱର ତାହାର ତରଙ୍ଗ ଅର୍ଥାତ୍ ସମୁଦ୍ର ହେଉଛି ତରଙ୍ଗର । ଏ ଦୁଇଟି ମଧ୍ୟରୁ ତରଙ୍ଗକୁ ସମୁଦ୍ରର କହିବା ଯଥାର୍ଥ ମନେ ହେଉଛି, ମାତ୍ର ସମୁଦ୍ରକୁ ତରଙ୍ଗର କହିବା ଯଥାର୍ଥ ମନେହେଉ ନାହିଁ; କାରଣ ସମୁଦ୍ର ଅପେକ୍ଷାକୃତ ନିତ୍ୟ ଓ ତରଙ୍ଗ ଅନିତ୍ୟ (କ୍ଷଣଭଙ୍ଗୁର) । ଅତଏବ ତରଙ୍ଗ ସମୁଦ୍ରର, ସମୁଦ୍ର ତରଙ୍ଗର ନୁହେଁ । ଯଦି ନିଜକୁ ସମୁଦ୍ର ଓ ଈଶ୍ୱରଙ୍କୁ ତରଙ୍ଗ ଭାବିବା, ତେବେ ଭୁଲ୍ ଅର୍ଥ ବାହାରିବ । ଏପରି ଭାବିଲେ ଅଭିମାନ ସୃଷ୍ଟି ହେବ ଏବଂ ଅହମ୍ (ଚିଜ୍ଜଡ଼ଗ୍ରନ୍ଥି ଅର୍ଥାତ୍ ବନ୍ଧନ) ନିତ୍ୟ ରହିବ ଓ ଈଶ୍ୱର ଅନିତ୍ୟ ହୋଇଯିବେ! କାରଣ ଜୀବଠାରେ ଅନାଦିକାଳରୁ ଅହମ୍ (ବ୍ୟକ୍ତିତ୍ୱ)ର ଅଭ୍ୟାସ ରହିଆସିଛି । ତେଣୁ ସ୍ୱରୂପକୁ ଅହମ୍ କହିଲେ ଅନାଦିକାଳରୁ ରହି ଆସିଥିବା ଅହମ୍ ପୁଣି ଆସିଯିବ । ସେହି ଅହମ୍ ନଷ୍ଟ ହେଲେ ହିଁ ତତ୍ତ୍ୱପ୍ରାପ୍ତି ହୁଏ ।

ଉପର୍ଯ୍ୟୁକ୍ତ ଦୁଇଟି ଯୁକ୍ତି ବ୍ୟତୀତ ତୃତୀୟ ତଥା ବିଶେଷ ଯୁକ୍ତି ହେଲା, ଜଳତତ୍ତ୍ୱରେ ସମୁଦ୍ର ନାହିଁ କି ତରଙ୍ଗ ନାହିଁ ଅର୍ଥାତ୍ ସେଥିରେ ସମୁଦ୍ର ଓ ତରଙ୍ଗର ଭେଦ ନାହିଁ । ସମୁଦ୍ର ଓ ତରଙ୍ଗ ସାପେକ୍ଷ, କିନ୍ତୁ ଜଳତତ୍ତ୍ୱ ନିରପେକ୍ଷ ।

ଦ୍ରଷ୍ଟା ଏବଂ ସାକ୍ଷ୍ୟ ସମ୍ବନ୍ଧରୁ ସାକ୍ଷୀ କୁହାଯାଏ । ତାତ୍ପର୍ଯ୍ୟ ହେଲା, ତତ୍ତ୍ୱ ଶରୀର ନୁହେଁ କି ଶରୀରୀ ନୁହେଁ; କ୍ଷେତ୍ର ନୁହେଁ କି କ୍ଷେତ୍ରୀ ବା କ୍ଷେତ୍ରଜ୍ଞ ନୁହେଁ, କ୍ଷର ନୁହେଁ କି ଅକ୍ଷର ନୁହେଁ, ଦୃଶ୍ୟ ନୁହେଁ କି ଦ୍ରଷ୍ଟା ନୁହେଁ, ସାକ୍ଷ୍ୟ ନୁହେଁ କି ସାକ୍ଷୀ ନୁହେଁ ।

ସେହି ତତ୍ତ୍ୱ ଅନେକ ତୁଳନାରେ ଏକ, ଜଡ଼ ତୁଳନାରେ ଚେତନ, ଅସତ୍ ତୁଳନାରେ ସତ୍, ଅଭାବ ତୁଳନାରେ ଭାବରୂପ, ଅନିତ୍ୟ ତୁଳନାରେ ନିତ୍ୟ, ଉତ୍ପନ୍ନ ତୁଳନାରେ ଅନୁତ୍ପନ୍ନ, ନାଶବାନ୍ ତୁଳନାରେ ଅବିନାଶୀ ଏବଂ ଅସତ୍-ଜଡ଼-ଦୁଃଖରୂପ ସଂସାର ତୁଳନାରେ ସତ୍-ଚିତ୍-ଆନନ୍ଦରୂପ ଅଟେ । ପ୍ରାକୃତ ପଦାର୍ଥ ତୁଳନାରେ ତାହା ପ୍ରାପ୍ତ ଅଥବା ଅପ୍ରାପ୍ତରୂପେ ବିଦିତ । ତାହାର ପ୍ରାପ୍ତିକୁ କଠିନତା ତୁଳନାରେ ହିଁ ସରଳ କହନ୍ତି, ନଚେତ୍ ଯାହା ନିତ୍ୟପ୍ରାପ୍ତ, ତାହାକୁ ପାଇବାରେ କଠିନତା ଓ ସରଳତା କ'ଣ? ସାରାଂଶ ହେଲା, ତତ୍ତ୍ୱ ଅନେକ ନୁହେଁ କି ଏକ ନୁହେଁ, ଜଡ଼ ନୁହେଁ କି ଚେତନ ନୁହେଁ, ଅସତ୍ ନୁହେଁ କି ସତ୍ ନୁହେଁ, ଅଭାବରୂପ ନୁହେଁ କି ଭାବରୂପ ନୁହେଁ, ଅନିତ୍ୟ ନୁହେଁ କି ନିତ୍ୟ ନୁହେଁ, ଉତ୍ପନ୍ନ ନୁହେଁ କି ଅନୁତ୍ପନ୍ନ ନୁହେଁ, ନାଶବାନ୍ ନୁହେଁ କି ଅବିନାଶୀ ନୁହେଁ, ଅସତ୍-ଜଡ଼-ଦୁଃଖରୂପ ନୁହେଁ କି ସତ୍-ଚିତ୍-ଆନନ୍ଦରୂପ ନୁହେଁ, ପ୍ରାପ୍ତ ନୁହେଁ କି ଅପ୍ରାପ୍ତ ନୁହେଁ, କଠିନ ନୁହେଁ କି ସରଳ ନୁହେଁ । ମୋଟ ଉପରେ କହିଲେ, ଶବ୍ଦ ଦ୍ୱାରା ସେହି ତତ୍ତ୍ୱର ବର୍ଣ୍ଣନା ଅସମ୍ଭବ ।

ସେହି ତତ୍ତ୍ୱ ପରତଃସିଦ୍ଧ ତୁଳନାରେ ସ୍ୱତଃସିଦ୍ଧ ଏବଂ ଅସ୍ୱାଭାବିକ ତୁଳନାରେ ସ୍ୱାଭାବିକ ଅଟେ । ଅସ୍ୱାଭାବିକତାରେ ସ୍ୱାଭାବିକକୁ ଆରୋପ କଲେ 'ବନ୍ଧନ' ହୁଏ, ସ୍ୱାଭାବିକରେ ଅସ୍ୱାଭାବିକତା ଆରୋପ କଲେ 'ସଂସାର' ହୁଏ ଏବଂ ଅସ୍ୱାଭାବିକତାକୁ ଅସ୍ୱୀକାର କରି ସ୍ୱାଭାବିକକୁ ଅନୁଭବ କଲେ 'ତତ୍ତ୍ୱ' ହୁଏ ଓ ଅତତ୍ତ୍ୱରୁ ମୁକ୍ତି ମିଳେ ଅର୍ଥାତ୍ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ! ତତ୍ତ୍ୱ ପରତଃସିଦ୍ଧ ନୁହେଁ କି ସ୍ୱତଃସିଦ୍ଧ ନୁହେଁ,

ସ୍ୱାଭାବିକ ନୁହେଁ କି ଅସ୍ୱାଭାବିକ ନୁହେଁ। ପରତଃସିଦ୍ଧ ଓ ସ୍ୱତଃସିଦ୍ଧ, ସ୍ୱାଭାବିକ ଓ ଅସ୍ୱାଭାବିକ ସାପେକ୍ଷ ହୋଇଥିବା ସ୍ଥଳେ ତତ୍ତ୍ୱ ନିରପେକ୍ଷ।

ସେହି ତତ୍ତ୍ୱକୁ 'ବିଦ୍ୟମାନ' କହନ୍ତି। ବାସ୍ତବରେ ତାହା 'ଅବିଦ୍ୟମାନ' ଅପେକ୍ଷା (ତୁଳନାରେ) 'ବିଦ୍ୟମାନ' ନୁହେଁ, ବରଂ ନିରପେକ୍ଷ। ଯଦି ଆମେ 'ଅବିଦ୍ୟମାନ'ର ସତ୍ତା ସ୍ୱୀକାର କରିବା, ତେବେ 'ଅବିଦ୍ୟମାନ' କହିବା ମଧ୍ୟ ଠିକ୍ ହେବ ନାହିଁ; କାରଣ 'ଅବିଦ୍ୟମାନ' ଓ 'ସତ୍ତା' ପରସ୍ପରର ବିରୁଦ୍ଧ। ପ୍ରକାରାନ୍ତରରେ କହିଲେ ଯାହା 'ଅବିଦ୍ୟମାନ', ତାହାର ସତ୍ତା ଅସମ୍ଭବ ଏବଂ ଯାହାର ସତ୍ତା ଅଛି, ତାହା 'ଅବିଦ୍ୟମାନ' ହେବା ଅସମ୍ଭବ। ପ୍ରକୃତରେ 'ଅବିଦ୍ୟମାନ'ର ସତ୍ତା ଆଦୌ ନାହିଁ। ମାତ୍ର ଭୁଲ୍‌ରେ 'ଅବିଦ୍ୟମାନ'ର ସତ୍ତା ମାନି ନେଇଥିବା ଦୃଷ୍ଟିରୁ କହିବାକୁ ପଡ଼େ ଯେ 'ଏହା ଅବିଦ୍ୟମାନ, କେବଳ ତତ୍ତ୍ୱ ବିଦ୍ୟମାନ'। ଯଦି 'ଅବିଦ୍ୟମାନ'ର ଆଦୌ ସତ୍ତା ନାହିଁ, ତେବେ ତତ୍ତ୍ୱକୁ 'ବିଦ୍ୟମାନ' ମଧ୍ୟ କହି ପାରିବା ନାହିଁ। ତାତ୍ପର୍ଯ୍ୟ ହେଲା, 'ଅବିଦ୍ୟମାନ' ତୁଳନାରେ ହିଁ ତତ୍ତ୍ୱକୁ 'ବିଦ୍ୟମାନ' କୁହାଯାଏ। ବସ୍ତୁତଃ ତତ୍ତ୍ୱ 'ଅବିଦ୍ୟମାନ' ନୁହେଁ କି 'ବିଦ୍ୟମାନ' ନୁହେଁ।

ଗୀତାରେ କୁହାଯାଇଛି—

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱାମୃତମଶ୍ନୁତେ।
ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ॥

(୧୩।୧୨)

"ଯାହା ଜ୍ଞେୟ ଏବଂ ଯାହାକୁ ଜାଣିଗଲେ ମନୁଷ୍ୟ ଅମରତ୍ୱ ଅନୁଭବ କରେ, ସେହି ପରମାମୃତତତ୍ତ୍ୱ ସମ୍ପର୍କରେ ମୁଁ ଭଲଭାବରେ କହିବି। ସେହି ଜ୍ଞେୟ ତତ୍ତ୍ୱ ଅନାଦି ଓ ପରବ୍ରହ୍ମ। ତାହାକୁ ସତ୍ କୁହାଯାଇପାରେ ନାହିଁ କି ଅସତ୍ ମଧ୍ୟ କୁହାଯାଇ ପାରେ ନାହିଁ।"*

* ଗୀତାରେ ପରମାତ୍ମାଙ୍କ ବିଷୟରେ ତିନି ପ୍ରକାର ବର୍ଣ୍ଣନା ଦେଖିବାକୁ ମିଳେ—(୧) ପରମାତ୍ମା ସତ୍ ଏବଂ ଅସତ୍ ମଧ୍ୟ—'**ସଦସଚ୍ଚାହମ୍**' (୯।୧୯); (୨) ପରମାତ୍ମା ସତ୍, ଅସତ୍ ଓ ସତ୍-ଅସତ୍‌ରୁ ଊର୍ଦ୍ଧ୍ୱରେ ମଧ୍ୟ—'**ସଦସତ୍ତତ୍ପରଂ ଯତ୍**' (୧୧।୩୭)

ତାତ୍ପର୍ଯ୍ୟ ଏହି ଯେ ସେହି ତତ୍ତ୍ୱର ଆଦି (ଆରମ୍ଭ) ନାହିଁ। ଯାହା ସଦାକାଳରୁ ଅଛି, ତାହାର ପୁଣି ଆଦି କେଉଁଠୁ ଆସିବ? ସବୁକିଛି ଅପର, ମାତ୍ର ତାହା ହେଉଛି ପର। ତାହା ସତ୍ ନୁହେଁ କି ଅସତ୍ ନୁହେଁ। ଆଦି-ଅନାଦି, ପର-ଅପର ଓ ସତ୍-ଅସତ୍‌ର ପ୍ରଭେଦ ପ୍ରକୃତି ସହ ସମ୍ପର୍କିତ। ମାତ୍ର ସେହି ତତ୍ତ୍ୱ ଆଦି-ଅନାଦି, ପର-ଅପର ଓ ସତ୍-ଅସତ୍‌ଠାରୁ ବିଲକ୍ଷଣ। ଏହିରୂପେ ଭଗବାନ ଜ୍ଞେୟତତ୍ତ୍ୱର ଯେଉଁ ବର୍ଣ୍ଣନା କରିଛନ୍ତି, ତାହା ପ୍ରକୃତରେ ବର୍ଣ୍ଣନା ନୁହେଁ, ବରଂ ସୂଚକ (ଲକ୍ଷ୍ୟ ଦିଗକୁ ସଙ୍କେତକାରୀ)। କେବଳ ବର୍ଣ୍ଣନା କରିବା ତାହାର ଉଦ୍ଦେଶ୍ୟ ନୁହେଁ, ବରଂ ଜ୍ଞେୟତତ୍ତ୍ୱ ଆଡ଼କୁ ଲକ୍ଷ୍ୟ କରାଇବା ତାହାର ଉଦ୍ଦେଶ୍ୟ।

ସନ୍ଥମାନଙ୍କ ବାଣୀରେ ବର୍ଣ୍ଣିତ ଅଛି ଯେ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ତୁରୀୟ, ବନ୍ଧନ, ମୋକ୍ଷ ବୋଲି କିଛି ନାହିଁ। କାରଣ ଏସବୁ ସାପେକ୍ଷ, କିନ୍ତୁ ତତ୍ତ୍ୱ ନିରପେକ୍ଷ। ବସ୍ତୁତଃ ତାହା ସାପେକ୍ଷ ତୁଳନାରେ ହିଁ ନିରପେକ୍ଷ। ତାହାକୁ ତତ୍ତ୍ୱ କହିବା ମଧ୍ୟ ଅତତ୍ତ୍ୱର ସାପେକ୍ଷ। ତେଣୁ ତାହାକୁ କେଉଁ ନାମରେ ବା ନାମିତ କରାଯିବ! ତାହାର କୌଣସି ନାମ ନାହିଁ ଅର୍ଥାତ୍ ସେପର୍ଯ୍ୟନ୍ତ ଶବ୍ଦର ଗତି ନାହିଁ। ଶବ୍ଦ ଦ୍ୱାରା ତାହାକୁ କେବଳ ସୂଚିତ କରାଯାଏ*।

ଏବଂ (୩) ପରମାତ୍ମା ସତ୍ ନୁହନ୍ତି କି ଅସତ୍ ନୁହନ୍ତି—'**ନ ସତ୍ତନ୍ନାସଦୁଚ୍ୟତେ**' (୧୩।୧୨)। ଏହାର ଅଭିପ୍ରାୟ ହେଲା, ପ୍ରକୃତରେ ପରମାତ୍ମାଙ୍କ ବିଷୟରେ ବର୍ଣ୍ଣନା କରାଯାଇ ପାରିବ ନାହିଁ; କାରଣ ସେ ମନ, ବୁଦ୍ଧି ଓ ଶବ୍ଦରୁ ଅତୀତ।

* ଯଦି ବକ୍ତା ଅନୁଭବୀ ଓ ଶ୍ରୋତା ପ୍ରକୃତ ଜିଜ୍ଞାସୁ ହୋଇଥିବେ, ତେବେ ଶବ୍ଦ ଦ୍ୱାରା ଶବ୍ଦାତୀତ ଓ ଇନ୍ଦ୍ରିୟାତୀତ ତତ୍ତ୍ୱ ବିଷୟରେ ମଧ୍ୟ ଜ୍ଞାନ ହୋଇଯିବ—ଏହା ଶବ୍ଦର ବିଲକ୍ଷଣ ଓ ଅଚିନ୍ତ୍ୟ ଶକ୍ତିର ପ୍ରଭାବ। ମାତ୍ର ଏହା ସେତେବେଳେ ହିଁ ସମ୍ଭବ, ଯେତେବେଳେ କେବଳ ଶବ୍ଦ ଉପରେ ଦୃଷ୍ଟି ଦିଆ ନ ଯାଇ ତତ୍ତ୍ୱ ଆଡ଼କୁ ଦୃଷ୍ଟି ଦିଆଯିବ। ଯଦି ତତ୍ତ୍ୱ ଆଡ଼କୁ ଦୃଷ୍ଟି ଦିଆ ନ ଯାଏ, ତେବେ କେବଳ ଶିଖିବା ହିଁ ସାର ହେବ ଅର୍ଥାତ୍ କେବଳ ବର୍ଣ୍ଣନା ହେବ, ତତ୍ତ୍ୱ ମିଳିବ ନାହିଁ।

ତତ୍ତ୍ୱ ପ୍ରତ୍ୟକ୍ଷ ନୁହେଁ କି ଅପ୍ରତ୍ୟକ୍ଷ ନୁହେଁ, ପରୋକ୍ଷ ନୁହେଁ କି ଅପରୋକ୍ଷ ନୁହେଁ, ଛୋଟ ନୁହେଁ କି ବଡ଼ ନୁହେଁ, ଭିତର ନୁହେଁ କି ବାହାର ନୁହେଁ, ଉପର ନୁହେଁ କି ତଳ ନୁହେଁ, ନିକଟ ନୁହେଁ କି ଦୂର ନୁହେଁ, ଭେଦ ନୁହେଁ କି ଅଭେଦ ନୁହେଁ କିଂବା ଭେଦାଭେଦ ମଧ୍ୟ ନୁହେଁ, ଭିନ୍ନ ନୁହେଁ କି ଅଭିନ୍ନ ନୁହେଁ କିଂବା ଭିନ୍ନାଭିନ୍ନ ମଧ୍ୟ ନୁହେଁ। କାରଣ ଏ ସମସ୍ତ ସାପେକ୍ଷ, କିନ୍ତୁ ତତ୍ତ୍ୱ ନିରପେକ୍ଷ। ଉଦାହରଣସ୍ୱରୂପ— ସୂର୍ଯ୍ୟଠାରେ ଆଲୋକ ନ ଥାଏ କି ଅନ୍ଧାର ନ ଥାଏ କିଂବା ଆଲୋକ ଓ ଅନ୍ଧାର ଉଭୟ ମଧ୍ୟ ନ ଥାଏ। କାରଣ ଆଲୋକ ସ୍ଥାନରେ ଅନ୍ଧାର ନ ଥାଏ ଓ ଅନ୍ଧାର ସ୍ଥାନରେ ଆଲୋକ ନ ଥାଏ, ପୁଣି ଆଲୋକ ଓ ଅନ୍ଧାର ଉଭୟ ଏକସଙ୍ଗରେ ରହିବେ ବା କିପରି! ସେହିପରି ତତ୍ତ୍ୱରେ ଜ୍ଞାନ ନାହିଁ କି ଅଜ୍ଞାନ ନାହିଁ କିଂବା ଜ୍ଞାନ ଓ ଅଜ୍ଞାନ ଉଭୟ ମଧ୍ୟ ନାହିଁ। ସେଠାରେ ଜ୍ଞାତା ନାହିଁ, ଜ୍ଞାନ ନାହିଁ କି ଜ୍ଞେୟ ନାହିଁ; ପ୍ରକାଶକ ନାହିଁ, ପ୍ରକାଶ ନାହିଁ କି ପ୍ରକାଶ୍ୟ ନାହିଁ; ଦ୍ରଷ୍ଟା ନାହିଁ, ଦର୍ଶନ ନାହିଁ କି ଦୃଶ୍ୟ ନାହିଁ; ଧ୍ୟାତା ନାହିଁ, ଧ୍ୟାନ ନାହିଁ କି ଧ୍ୟେୟ ନାହିଁ। ତାତ୍ପର୍ଯ୍ୟ ହେଲା, ତତ୍ତ୍ୱରେ ଏପରି ତିନି ଭେଦ ନାହିଁ। ଏହି ଭେଦତ୍ରୟ ସାପେକ୍ଷ, ମାତ୍ର ତତ୍ତ୍ୱ ନିରପେକ୍ଷ। ବାସ୍ତବରେ ଯେଉଁଠି ବସି ଆମେ କହୁଛୁ, ଶୁଣୁଛୁ ଓ ଅନୁଧ୍ୟାନ କରୁଛୁ, ସେହିଠାରେ ହିଁ ସାପେକ୍ଷ ଓ ନିରପେକ୍ଷର ପ୍ରଶ୍ନ ଉଠେ, ତତ୍ତ୍ୱ ପ୍ରକୃତରେ ସାପେକ୍ଷ ନୁହେଁ କି ନିରପେକ୍ଷ ନୁହେଁ।

ସେହି ତତ୍ତ୍ୱ ପ୍ରକୃତରେ ଅନୁଭବରୂପ। ତାହାକୁ ଗୀତାରେ 'ସ୍ମୃତି' କୁହାଯାଇଛି—**'ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା'** (୧୮।୭୩)। ସ୍ମୃତି ମଧ୍ୟ ବିସ୍ମୃତିର ସାପେକ୍ଷ; ମାତ୍ର ତତ୍ତ୍ୱର ସ୍ମୃତି ବିସ୍ମୃତିର ସାପେକ୍ଷ ନୁହେଁ, ବରଂ ଅନୁଭବରୂପ। କାରଣ ସ୍ମୃତିର ବିସ୍ମୃତି ହୋଇପାରେ, କିନ୍ତୁ ଅନୁଭବର ଅନନୁଭବ (ବିସ୍ମୃତି) ହେବା ଅସମ୍ଭବ। ତତ୍ତ୍ୱ ବିସ୍ମୃତ ହୋଇଯାଏ ନାହିଁ, ବରଂ ଆମେ ତତ୍ତ୍ୱଠାରୁ ବିମୁଖ ହୋଇଯାଉ। ପୂର୍ବରୁ ଯେ ଜ୍ଞାନ ଥାଏ ଓ ପରେ ପୁଣି ତାହା ବିସ୍ମୃତ ହୋଇଯାଏ ସେ କଥା ନୁହେଁ। ସେହିପରି

ତତ୍ତ୍ୱ କଦାପି ବିସ୍ମୃତ ହୁଏ ନାହିଁ* । ଯଦି ତତ୍ତ୍ୱର ଏପରି ବିସ୍ମୃତି ହୁଏ ବୋଲି ମାନିବା, ତେବେ ସ୍ମୃତି ଲାଭ ହେବା ପରେ ତ ପୁଣି ବିସ୍ମୃତି ହୋଇଯିବ! ଏଣୁ ଗୀତାରେ କୁହାଯାଇଛି—**'ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମ୍'** (୪ । ୩୫) ଅର୍ଥାତ୍ ତାହାକୁ ଜାଣିଗଲା ପରେ ପୁନର୍ବାର ମୋହ ହୁଏ ନାହିଁ । ଅଭାବରୂପ ଅସତ୍‌କୁ ଭାବରୂପ ମାନିନେଇ ମହତ୍ତ୍ୱ ଦେବାରୁ ତତ୍ତ୍ୱ ଆଡୁ ବୃତ୍ତି ଅପସରି ଯାଏ—ଏହାକୁ ବିସ୍ମୃତି କହନ୍ତି । ବୃତ୍ତି ଅପସରି ଯିବା ଓ ବୃତ୍ତି ସଂଯୁକ୍ତ ହେବା ମଧ୍ୟ ସାଧକ ଦୃଷ୍ଟିରୁ କୁହାଯାଏ, ତତ୍ତ୍ୱ ଦୃଷ୍ଟିରୁ ନୁହେଁ । ତତ୍ତ୍ୱଠାରୁ ବୃତ୍ତି ଅପସରି ଗଲେ ଅଥବା ବିମୁଖ ହେଲେ ମଧ୍ୟ ତତ୍ତ୍ୱ ଯଥାବତ୍ ରହିଥାଏ । ଅଭାବରୂପ ଅସତ୍‌କୁ ଅଭାବରୂପ ମାନିନେଲେ ଭାବରୂପ ତତ୍ତ୍ୱ ସ୍ୱତଃ ଯଥାବତ୍ ରହିଯିବ ।

□□

---

* ଜ୍ଞାନ ହୋଇଗଲେ କିଛି ନୂତନତ୍ୱ ଅନୁଭବ ହୁଏ ନାହିଁ ଅର୍ଥାତ୍ 'ପୂର୍ବରୁ ଅଜ୍ଞାନ ଥିଲା, ଏବେ ଜ୍ଞାନ ହୋଇଗଲା' ଏପରି ଜଣାପଡ଼େ ନାହିଁ । ଜ୍ଞାନ ହେବାପରେ ଅନୁଭବ ହୁଏ ଯେ, ଜ୍ଞାନ ତ ସଦାକାଳରୁ ଥିଲା, କେବଳ ସେ ଦିଗକୁ ମୋର ଦୃଷ୍ଟି ନ ଥିଲା । ଯଦି 'ପୂର୍ବରୁ ଅଜ୍ଞାନ ଥିଲା, ଏବେ ଜ୍ଞାନ ହୋଇଗଲା' ଏପରି ମାନିବା, ତେବେ ଜ୍ଞାନ ସାଦି (ଆଦିଯୁକ୍ତ) ବୋଲି ପ୍ରମାଣିତ ହେବ, ଯଦ୍ୟପି ଜ୍ଞାନ ପ୍ରକୃତରେ ସାଦି ନୁହେଁ ବରଂ ଅନାଦି । ଯାହାର ଆଦି ଥାଏ, ତାହାର ଅନ୍ତ ମଧ୍ୟ ଥାଏ ଏବଂ ଯାହା ଅନାଦି ହୋଇଥାଏ, ତାହା ଅନନ୍ତ ମଧ୍ୟ ହୋଇଥାଏ ।

୯. ଚୁପ୍-ସାଧନା

ବାହ୍ୟ ଓ ଅଭ୍ୟନ୍ତରରେ ଚୁପ୍ ହୋଇଯିବା 'ଚୁପ୍-ସାଧନା' ଅଟେ। ମନରେ ସ୍ଥିର କରି ନିଅନ୍ତୁ ଯେ, ମୋର କିଛି କରିବାର ନାହିଁ। ସ୍ୱାର୍ଥ ବା ପରମାର୍ଥ, ଲୌକିକ ବା ପାରଲୌକିକ, କିଛି ବି କରିବାର ନାହିଁ। ଏପରି ସ୍ଥିର କରି ବସିଯାଆନ୍ତୁ। ବସିବାର ଉତ୍କୃଷ୍ଟ ସମୟ ହେଉଛି ପ୍ରାତଃକାଳ ନିଦରୁ ଉଠିବାବେଳ। ନିଦରୁ ଉଠିବା ମାତ୍ରେ ଭଗବାନଙ୍କୁ ନମସ୍କାର କରି ବସିଯାଆନ୍ତୁ। ଯେପରି ଗାଢ଼ ନିଦରେ ତିଳେମାତ୍ର ବି କିଛି କରିବାର ସଂକଳ୍ପ ନ ଥିଲା, ସେହିପରି ଜାଗ୍ରତ ଅବସ୍ଥାରେ ତିଳେମାତ୍ର ବି କିଛି କରିବାର ସଂକଳ୍ପ ନ ରହିବା ଉଚିତ। ଚିନ୍ତନ, ଜପ, ଧ୍ୟାନ ପ୍ରଭୃତି କିଛି କରିବା ଦରକାର ନାହିଁ, ଏପରି କି 'ଚିନ୍ତନ ପ୍ରଭୃତି କରିବି ନାହିଁ' ଏହି ସଂକଳ୍ପ ମଧ୍ୟ ରଖିବା ଅନୁଚିତ; କାରଣ 'ନ କରିବା'ର ସଂକଳ୍ପ ମଧ୍ୟ 'କରିବା'। ବାସ୍ତବରେ 'ନ କରିବା' ସ୍ୱତଃସିଦ୍ଧ; ମନ, ବୁଦ୍ଧି ପ୍ରଭୃତିକୁ ସ୍ୱୀକାର କରି ହିଁ 'କରିବା' ହୁଏ।

'ବର୍ତ୍ତମାନ ମୋର ତିଳେମାତ୍ର ବି କିଛି କରିବାର ନାହିଁ' ଏପରି ସ୍ଥିର କରି ଚୁପ୍ ହୋଇଯାଆନ୍ତୁ। ଯଦି ମନ ମାନୁ ନାହିଁ, ତେବେ ସର୍ବତ୍ର ଏକମାତ୍ର ପରମାତ୍ମା ପରିପୂର୍ଣ୍ଣ' ଏପରି ଧାରଣା କରି ଚୁପ୍ ହୋଇଯାଆନ୍ତୁ। ଯଦି ସଗୁଣଉପାସକ ହୋଇଥାଆନ୍ତି, ତେବେ 'ମୁଁ ପ୍ରଭୁଙ୍କ ଚରଣରେ ଆଶ୍ରୟ ନେଇଛି' ଏପରି ଧାରଣା କରି ଚୁପ୍ ହୋଇଯାଆନ୍ତୁ। ମାତ୍ର ଏହା ସର୍ବୋତ୍କୃଷ୍ଟ ପ୍ରଣାଳୀ ନୁହେଁ। ସର୍ବୋତ୍କୃଷ୍ଟ ପ୍ରଣାଳୀ ହେଲା—କିଛି ବି କରିବାର ନାହିଁ। ଏହିରୂପେ ଚୁପ୍ ହେବାପରେ ଯଦି ଭିତରୁ କୌଣସି ସଂକଳ୍ପ-ବିକଳ୍ପ ଆସେ ବା କୌଣସି କଥା ମନେପଡ଼େ, ତେବେ ତାହାକୁ ଉପେକ୍ଷା କରନ୍ତୁ, ବିରୋଧ କରନ୍ତୁ ନାହିଁ। ସେଥିରେ ପ୍ରସନ୍ନ

ହୁଅନ୍ତୁ ନାହିଁ କି ବିଷଣ୍ଣ ହୁଅନ୍ତୁ ନାହିଁ; ତାହା ପ୍ରତି ଅନୁରାଗ କରନ୍ତୁ ନାହିଁ କି ଦ୍ୱେଷ କରନ୍ତୁ ନାହିଁ। ଶାସ୍ତ୍ରବିହିତ ଭଲ ସଂକଳ୍ପ ଆସିଲେ ସେଥିରେ ପ୍ରସନ୍ନ ହୁଅନ୍ତୁ ନାହିଁ କିଂବା ଶାସ୍ତ୍ରନିଷିଦ୍ଧ ମନ୍ଦ ସଂକଳ୍ପ ଆସିଲେ ସେଥିରେ ବିଷଣ୍ଣ ହୁଅନ୍ତୁ ନାହିଁ। ନିଜେ ମଧ୍ୟ ସେହି ସଂକଳ୍ପଗୁଡ଼ିକ ସହିତ ସଂଶ୍ଳିଷ୍ଟ ହୁଅନ୍ତୁ ନାହିଁ ଅର୍ଥାତ୍ ସେଗୁଡ଼ିକୁ ନିଜର ମାନନ୍ତୁ ନାହିଁ।

ଆପଣ କହୁଛନ୍ତି ଯେ ମନ ଅତି ଖରାପ; କିନ୍ତୁ ପ୍ରକୃତରେ ମନ ଭଲ, ଆଦୌ ଖରାପ ନୁହେଁ। ସ୍ୱୟଂ ହିଁ ଭଲ ବା ଖରାପ ହୋଇଥାଏ। ସ୍ୱୟଂ ଭଲ ଥିଲେ ମନ ଭଲ ହୁଏ, ସ୍ୱୟଂ ଖରାପ ଥିଲେ ମନ ଖରାପ ହୁଏ। ସ୍ୱୟଂ ଭଲ ଥିଲେ ସଂକଳ୍ପ ଭଲ ହୁଏ, ସ୍ୱୟଂ ଖରାପ ଥିଲେ ସଂକଳ୍ପ ଖରାପ ହୁଏ। ଭଲ ଓ ଖରାପ ଉଭୟ ପ୍ରକୃତି ସହ ସମ୍ପର୍କିତ। ପ୍ରକୃତିର ସମ୍ପର୍କ ବିନା ଭଲ ବା ଖରାପ ବୋଲି କିଛି ନାହିଁ। ଯେପରି ସୁଖ ଓ ଦୁଃଖ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଆନନ୍ଦରେ ଏ ଦୁଇଟିର ସ୍ଥାନ ନ ଥାଏ ଅର୍ଥାତ୍ ଆନନ୍ଦରେ ସୁଖ ନ ଥାଏ କି ଦୁଃଖ ନ ଥାଏ, ଠିକ୍ ସେହିପରି ପ୍ରକୃତିର ସମ୍ବନ୍ଧରୁ ମୁକ୍ତ ତତ୍ତ୍ୱରେ ଭଲ ନ ଥାଏ କି ମନ୍ଦ ନ ଥାଏ। ଏଣୁ ଭଲ ଓ ମନ୍ଦର ପ୍ରଭେଦ ସୃଷ୍ଟି କରି ପ୍ରସନ୍ନ ଓ ଅପ୍ରସନ୍ନ ହୁଅନ୍ତୁ ନାହିଁ।

ସଂକଳ୍ପ ଆସୁ ବା ଯାଉ ସେଥିପାଇଁ ଚିନ୍ତା କରନ୍ତୁ ନାହିଁ। ପ୍ରଥମରୁ ଧାରଣା କରି ନିଅନ୍ତୁ ଯେ ପ୍ରକୃତରେ ସଂକଳ୍ପ ଆସେ ନାହିଁ, ବରଂ ଚାଲିଯାଏ। ଅତୀତରେ ଆମେ ଯେଉଁ ସବୁ କାମ କରିଛୁ, ତାହା ହିଁ ମନେପଡ଼େ ଅଥବା ଭବିଷ୍ୟତରେ ଯାହା ସବୁ କରିବାକୁ ଭାବିଛୁ, ତାହା ମନେପଡ଼େ ଯେ ଅମୁକ ଜାଗାକୁ ଯିବି, ଅମୁକ କାମ କରିବି ଇତ୍ୟାଦି। ଏହିରୂପେ ଯାହା ବର୍ତ୍ତମାନ ନାହିଁ, ସେହି ଅତୀତ ଓ ଭବିଷ୍ୟତ କଥା ମନକୁ ଆସେ। ପ୍ରକୃତରେ ସେଗୁଡ଼ିକ ମନକୁ ଆସେ ନାହିଁ, ବରଂ ମନରୁ ଆପେ ଆପେ ଚାଲିଯାଏ। ମନରେ ଯାହା ସବୁ ଜମା ହୋଇ ରହିଛି, ସେଗୁଡ଼ିକ ବାହାରିଯାଏ। ଏଣୁ ଆପଣ ସେହି

ମନେପଡ଼ିବା ସହିତ ସମ୍ପର୍କ ସ୍ଥାପନ କରନ୍ତୁ ନାହିଁ, ତଟସ୍ଥ ରହନ୍ତୁ। ସମ୍ପର୍କ ସ୍ଥାପନ ନ କଲେ ଆପଣଙ୍କୁ ସେହି ସଙ୍କଳ୍ପଗୁଡ଼ିକ ଆସିବାର ଦୋଷ ଲାଗିବ ନାହିଁ ଏବଂ ସଂକଳ୍ପଗୁଡ଼ିକ ମଧ୍ୟ ଆପେ ଆପେ ନଷ୍ଟ ହୋଇଯିବ; କାରଣ ଉତ୍ପନ୍ନ ହେଉଥିବା ଜିନିଷ ନଷ୍ଟ ହେବା ଅବଶ୍ୟମ୍ଭାବୀ।

ସଂସାରରେ ବହୁତ ପୁଣ୍ୟକର୍ମ ହେଉଛି, କିନ୍ତୁ ସେଥିରୁ ଆମକୁ ପୁଣ୍ୟ ମିଳୁଛି କି? ସେହିପରି ସଂସାରରେ ବହୁତ ପାପକର୍ମ ହେଉଛି, କିନ୍ତୁ ତଦ୍ଦ୍ୱାରା ଆମକୁ ପାପ ଲାଗୁଛି କି? କାହିଁକି ଲାଗୁ ନାହିଁ? କାରଣ ଆମର ସେଗୁଡ଼ିକ ସହିତ ସମ୍ବନ୍ଧ ନାହିଁ କି ସହଯୋଗ ନାହିଁ। ସଂସାରରେ ଯେପରି ପାପ-ପୁଣ୍ୟ ହେଉଛି, ମନରେ ସେହିପରି ସଂକଳ୍ପ-ବିକଳ୍ପ ହେଉଛି। ଆମେ ତ କରୁ ନାହୁଁ ଏବଂ କରିବାକୁ ମଧ୍ୟ ଚାହୁଁ ନାହୁଁ। ଯାହା ହେଉଛି ହେଉଥାଉ। ଆମେ ତା' ସହିତ ସଂଶ୍ଳିଷ୍ଟ ହୋଇଯିବାରୁ ତାହାର ପୁଣ୍ୟ ଓ ପାପ, ଭଲ ଓ ମନ୍ଦ ସଂଜ୍ଞା ହୋଇଯାଉଛି, ଯଦ୍ଦ୍ୱାରା ତାହାର ଫଳ ସୃଷ୍ଟି ହେଉଛି ଓ ଆମକୁ ସେହି ଫଳ ଭୋଗିବାକୁ ପଡୁଛି। ଏଣୁ ତା' ସହିତ ଜଡ଼ିତ ହୁଅନ୍ତୁ ନାହିଁ। ତାହାକୁ ଅନୁମୋଦନ କରନ୍ତୁ ନାହିଁ କି ବିରୋଧ କରନ୍ତୁ ନାହିଁ। ସଂକଳ୍ପ-ବିକଳ୍ପ ଆସୁଛି ତ ଆସୁଥାଉ। ଏହା କରିବି ଓ ଏହା କରିବି ନାହିଁ—ଏ ଦୁଇଟିକୁ ଛାଡ଼ିଦିଅନ୍ତୁ। ଗୀତାରେ କୁହାଯାଇଛି—

ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ। (୩।୧୮)

'କରିବା' ଓ 'ନ କରିବା'ର ଆଗ୍ରହ ରଖନ୍ତୁ ନାହିଁ। କରିବାର ଆଗ୍ରହ ରଖିବା ମଧ୍ୟ ସଂକଳ୍ପ ଏବଂ ନ କରିବାର ଆଗ୍ରହ ରଖିବା ମଧ୍ୟ ସଂକଳ୍ପ। କରିବା ମଧ୍ୟ କର୍ମ ଓ ନ କରିବା ମଧ୍ୟ କର୍ମ। କରିବାରେ ମଧ୍ୟ ପରିଶ୍ରମ ହୁଏ ଓ ନ କରିବାରେ ମଧ୍ୟ ପରିଶ୍ରମ ହୁଏ। ଏଣୁ କରିବା ଓ ନ କରିବାରେ ତିଳେମାତ୍ର କୌଣସି ପ୍ରୟୋଜନ ନ ରଖି ଚୁପ୍ ହୋଇଗଲେ ପ୍ରକୃତିର ସମ୍ବନ୍ଧ ଛିନ୍ନ ହୋଇଯିବ ଏବଂ ଆପେ ଆପେ ପରମ ବିଶ୍ରାମ ପ୍ରାପ୍ତ ହେବ; କାରଣ କ୍ରିୟାରୂପରେ ପ୍ରକୃତି ହିଁ ରହିଥାଏ। ଏହିରୂପେ ବାହ୍ୟ ଓ ଅଭ୍ୟନ୍ତରରେ ଚୁପ୍ ହୋଇଗଲେ,

ଯାହାକୁ ତତ୍ତ୍ୱଜ୍ଞାନ କହନ୍ତି, ଜୀବନ୍ମୁକ୍ତି କହନ୍ତି ଓ ସହଜସମାଧି କହନ୍ତି, ତାହା ଆପେ ଆପେ ହୋଇଯିବ ।

ଉତ୍ତମା ସହଜାବସ୍ଥା ମଧ୍ୟମା ଧ୍ୟାନଧାରଣା ।
କନିଷ୍ଠା ଶାସ୍ତ୍ରଚିନ୍ତା ଚ ତୀର୍ଥଯାତ୍ରାଽଧମାଽଧମା ॥

—ସବୁଠୁ ଛୋଟ ସାଧନା ହେଲା ତୀର୍ଥଯାତ୍ରା, ତା'ଠାରୁ ଉଚ୍ଚ ଶାସ୍ତ୍ରଚିନ୍ତନ । ଶାସ୍ତ୍ରଚିନ୍ତନଠାରୁ ଉଚ୍ଚ ଧ୍ୟାନଧାରଣା ଏବଂ ଉଚ୍ଚାତିଉଚ୍ଚ ସାଧନା ହେଲା ସହଜାବସ୍ଥା (ସହଜ ସମାଧି)* । ସେହି ସହଜାବସ୍ଥାରେ ଆପଣ ପହଞ୍ଚିଯିବେ!

ସହଜାବସ୍ଥା ଜାଗ୍ରତ ନୁହେଁ, ସ୍ୱପ୍ନ ନୁହେଁ, ସୁଷୁପ୍ତି ନୁହେଁ, ମୂର୍ଚ୍ଛା ନୁହେଁ କିଂବା ସମାଧି ନୁହେଁ । ସୁଷୁପ୍ତି ଓ ସହଜାବସ୍ଥା ମଧ୍ୟରେ ପ୍ରଭେଦ ଏତିକି ଯେ ସୁଷୁପ୍ତିରେ ହୋସ୍ ରହେ ନାହିଁ, ମାତ୍ର ସହଜାବସ୍ଥାରେ ହୋସ୍ ରହେ, ଜାଗୃତି ରହେ, ଜ୍ଞାନର ଏକ ଦୀପ୍ତି ରହେ—

ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥ (ଗୀତା ୪ । ୨୭)

ବାସ୍ତବରେ ଚୁପ୍ ହେବାକୁ ପଡ଼େ ନାହିଁ, ବରଂ ଚୁପ୍ ସ୍ୱାଭାବିକ ଅଟେ । ଯେଉଁମାନଙ୍କ ଠାରେ ବେଦାନ୍ତର ସଂସ୍କାର ଥିବ, ସେମାନେ

---

* ପ୍ରବୃତ୍ତି (କରିବା) ଓ ନିବୃତ୍ତି (ନ କରିବା)—ଉଭୟ ପ୍ରକୃତିରାଜ୍ୟର ଅନ୍ତର୍ଗତ । ନିର୍ବିକଳ୍ପ ସମାଧି ମଧ୍ୟ ପ୍ରକୃତି ରାଜ୍ୟର ପରିସରଭୁକ୍ତ; କାରଣ ନିର୍ବିକଳ୍ପ ସମାଧିରୁ ମଧ୍ୟ ବ୍ୟୁତ୍ଥାନ ହୁଏ । କ୍ରିୟାମାତ୍ରକେ ପ୍ରକୃତିରେ ହିଁ ହୁଏ ଏବଂ କ୍ରିୟା ହେଉ ନ ଥିଲେ ବ୍ୟୁତ୍ଥାନର ପ୍ରଶ୍ନ ଉଠେ ନାହିଁ । ଅତଏବ ଚ୍ଲଲିବା, କହିବା, ଦେଖିବା, ଶୁଣିବା ପ୍ରଭୃତି ପରି ବସିବା, ଠିଆ ହେବା, ମୌନ ହେବା, ଶୋଇବା, ମୂର୍ଚ୍ଛିତ ହେବା ଓ ସମାଧିସ୍ଥ ହେବା ମଧ୍ୟ କ୍ରିୟା । ତାତ୍ପର୍ଯ୍ୟ ହେଲା, ପ୍ରକୃତି ସହ ସମ୍ବନ୍ଧ ଥିବାପର୍ଯ୍ୟନ୍ତ ସମାଧି ମଧ୍ୟ କର୍ମ, କାରଣ ଏଥିରେ ସମାଧି ଓ ବ୍ୟୁତ୍ଥାନ ଦୁଇଟି ଅବସ୍ଥା ହୁଏ । ପ୍ରକୃତିଠାରୁ ସମ୍ବନ୍ଧ ଛିନ୍ନ ହେବାପରେ କୌଣସି ଅବସ୍ଥା ହୁଏ ନାହିଁ, ବରଂ 'ସହଜ ସମାଧି' ବା 'ସହଜାବସ୍ଥା' ହୁଏ, ଯେଉଁଥିରୁ କଦାପି ବ୍ୟୁତ୍ଥାନ ହୁଏ ନାହିଁ ।

ସହଜାବସ୍ଥା ବାସ୍ତବରେ ଅବସ୍ଥା ନୁହେଁ, ଏହା ଅବସ୍ଥାରୁ ଅତୀତ । ଅବସ୍ଥାତୀତ କୌଣସି ଅବସ୍ଥା ନୁହେଁ । ଅବସ୍ଥାଭେଦ ପ୍ରକୃତିରେ ହିଁ ଥାଏ, ସ୍ୱରୂପରେ ନୁହେଁ । ଏଥିପାଇଁ ସହଜାବସ୍ଥାକୁ ସବୁଠୁ ଉତ୍ତମ କୁହାଯାଇଛି ।

ବୁଝିଯିବେ ଯେ ଆତ୍ମା କର୍ତ୍ତା ନୁହେଁ କି ଭୋକ୍ତା ନୁହେଁ। ଅତଏବ ସହଜାବସ୍ଥା ସ୍ୱାଭାବିକ।

ଚୁପ୍ ହେବାବେଳେ ଯଦି ନିଦ ଆସେ, ତେବେ ଜପ ଓ କୀର୍ତ୍ତନ ଆରମ୍ଭ କରିଦିଅନ୍ତୁ, ଠିଆ ହୋଇପଡ଼ନ୍ତୁ। ମାତ୍ର ନିଦ ନ ଆସିବା ପର୍ଯ୍ୟନ୍ତ 'କିଛି କରିବାର ନାହିଁ'—ଏଥିରେ ସ୍ଥିତ (ଚୁପ୍) ରହନ୍ତୁ। ଏକ-ଦୁଇ ସେକେଣ୍ଡ ଏହିପରି ଚୁପ୍ ହୋଇଗଲେ ମଧ୍ୟ ବହୁତ ଉପକାର। ଯଦି ଅଧମିନିଟ ରହିଯିବେ, ତେବେ ବହୁତ ଶକ୍ତି ମିଳିବ। ଚୁପ୍ ରହିଲେ ଯେଉଁ ଶକ୍ତି ମିଳେ, ତାହା କରିବାରେ ମିଳେ ନାହିଁ, ବରଂ କରିବାରେ ଶକ୍ତି ଖର୍ଚ୍ଚ ହୁଏ। ଆମେ କାମ କରି କରି ଥକିଗଲେ ଶୋଇଯାଉ। ଗାଢ଼ନିଦରେ ସମସ୍ତ କ୍ଳାନ୍ତି ଦୂର ହୋଇଯାଏ ଏବଂ ମନରେ, ଇନ୍ଦ୍ରିୟଗଣଙ୍କ ଠାରେ, ଶରୀରରେ, ସତେଜତା ଓ କାମ କରିବାର ଶକ୍ତି ଆସେ। ଠିକ୍ ଏହିପରି ପ୍ରଳୟରେ ଚୁପ୍ ହୋଇଗଲେ ସର୍ଗର ସାମର୍ଥ୍ୟ ଆସିଯାଏ, ମହାପ୍ରଳୟରେ ଚୁପ୍ ହୋଇଗଲେ ମହାସର୍ଗର ସାମର୍ଥ୍ୟ ଆସିଯାଏ। ସମସ୍ତ ସାମର୍ଥ୍ୟ ନ କରିବା ଦ୍ୱାରା ହିଁ ଆସେ। ନ କରିବା ହିଁ ପରମାତ୍ମାଙ୍କ ସ୍ୱରୂପ, ଯାହା କି ନିତ୍ୟପ୍ରାପ୍ତ।

ନ କରିବାର ଯେତେ ମାହାତ୍ମ୍ୟ, କରିବାର ସେତେ ମାହାତ୍ମ୍ୟ କଦାପି ନାହିଁ, କଦାପି ନ ଥିଲା, କଦାପି ହେବ ନାହିଁ କି କଦାପି ହୋଇପାରିବ ନାହିଁ। ନ କରିବାର ସାମର୍ଥ୍ୟ କରିବାରେ ନ ଥାଏ। କାରଣ କରିବାର ଆରମ୍ଭ ଓ ଶେଷ ହୁଏ, ତେଣୁ କରିବା ଅନିତ୍ୟ; ମାତ୍ର ନ କରିବାର ଆରମ୍ଭ ଓ ଶେଷ ନ ଥାଏ, ତେଣୁ ନ କରିବା ନିତ୍ୟ। କିଛି ଦିନ ଏହା ଉପରେ ନ ଭାବିଲେ ଏହି ଚୁପ୍ ହେବା ବିଷୟରେ ଅଟକଳ କରି ହୁଏ ନାହିଁ। କିଛିଦିନ ଭାବିଲେ ବୁଝି ହୋଇଯିବ। ବର୍ତ୍ତମାନ ବୁଝି ନ ହେଲେ ମଧ୍ୟ ମାନିନିଅନ୍ତୁ ଯେ 'ସହଜାବସ୍ଥା ଏପରି ହୋଇଥାଏ'। ଏହି ସହଜାବସ୍ଥାର ବର୍ଣ୍ଣନା ଶାସ୍ତ୍ରରେ ଓ ସନ୍ତମାନଙ୍କ ବାଣୀରେ ମଧ୍ୟ ବହୁତ କମ୍ ଦେଖିବାକୁ ମିଳେ।

ରାଜସ୍ଥାନର ସିଂଥଲ ଗ୍ରାମରେ ଶ୍ରୀହରିରାମଦାସ ନାମକ ଜଣେ ସନ୍ଥ ଥିଲେ । ତାଙ୍କ ବାଣୀରେ ନିମ୍ନଲିଖିତ ଉକ୍ତି ଦେଖିବାକୁ ମିଳେ—

ସହଜାଁ ମାରଗ ସହଜ କା, ସହଜ କିୟା ବିଶ୍ରାମ ।
'ହରିୟା' ଜୀୱ ର ସୀୱ କା, ଏକ ନାମ ଅରୁ ଠାମ ॥
ସହଜ ତନ ମନ ସହଜ ପୂଜା । ସହଜ ସା ଦେୱ ନହୀଁ ଔର ଦୂଜା ॥

ସେ ନିଜର ପରିଚୟ ମଧ୍ୟ ଏହି ପ୍ରକାରେ ଦେଇଛନ୍ତି—

ହରିୟା ଜୈମଲଦାସ ଗୁରୁ, ରାମ ନିରଂଜନ ଦେୱ ।
କାୟା ଦେୱଲ ଦେହରୋ, ସହଜ ହମାରେ ସେୱ ॥

"ଶ୍ରୀଜୈମଲଦାସ ମହାରାଜ ମୋର ଗୁରୁ । ଯେ ପ୍ରକୃତିରୁ ଅତ୍ୟନ୍ତ ଅତୀତ, ସେହି ରାମ ମୋର ଦେବ । ଏହି ଶରୀର ମୋର ଦେବାଳୟ । ସହଜ (କିଛି ନ କରିବା) ହିଁ ମୋର ସେବା ।"

ସନ୍ଥ କବୀରଦାସଙ୍କ ବାଣୀରେ ଅଛି—

ସାଧୋ ସହଜ ସମାଧି ଭଲୀ ।
ଗୁରୁ-ପ୍ରତାପ ଜା ଦିନ ତେଁ ଉପଜୀ, ଦିନ-ଦିନ ଅଧିକ ଚଲୀ ॥
ଜହଁ-ଜହଁ ଡୋଲୌଁ ସୋଇ ପରିକରମା, ଜୋ କୁଛ କରୌଁ ସୋ ସେୱା ।
ଜବ ସୋୱୌଁ ତବ କରୌଁ ଦଣ୍ଡବତ, ପୂଜୌଁ ଔର ନ ଦେୱା ॥
କହୌଁ ସୋ ନାମ, ସୁନୌଁ ସୋ ସୁମିରନ, ଖାଁୱ-ପିୟୌଁ ସୋ ପୂଜା ।
ଗିରହ-ଉଜାଡ଼ ଏକ ସମ ଲେଖୌଁ, ଭାୱ ନ ରାଖୌଁ ଦୂଜା ॥
ଆଂଖ ନ ମୂଁଦୌଁ, କାନ ନ ରୂଁଧୌଁ, ତନିକ କଷ୍ଟ ନହିଁ ଧାରୌଁ ।
ଖୁଲେ ନୈନ ପହିଚ୍ନୌଁ ହଁସି-ହଁସି, ସୁଂଦର ରୂପ ନିହାରୌଁ ॥
ସବଦ ନିରଂତର ସେ ମନ ଲାଗା, ମଲିନ ୱାସନା ତ୍ୟାଗୀ ।
ଉଠତ-ବୈଠତ କବହୁଁ ନ ଛୁଟୈ, ଐସୀ ତାରୀ ଲାଗୀ ॥
କହ କବୀର ୟହ ଉନମନି ରହନୀ, ସୋ ପରଗଟ କରି ଭାଈ ।
ଦୁଖ-ସୁଖ ସେ କୋଇ ପରେ ପରମପଦ, ତେହି ପଦ ରହା ସମାଈ ॥

ଏତାଦୃଶ ସହଜାବସ୍ଥା ପ୍ରାପ୍ତିର ଉପାୟ ହେଲା—ବାହ୍ୟ ଓ

ଅଭ୍ୟନ୍ତରରେ ଚୁପ୍ ହୋଇଯିବା ଅର୍ଥାତ୍ କିଛି ନ କରିବା। କିଛି ନ କଲେ ସବୁ କିଛି ହୋଇଯାଏ।

ଆମକୁ ଆଦୌ କିଛି କରିବାର ନାହିଁ। ପୂର୍ବରୁ କରିବାର ନ ଥିଲା, ବର୍ତ୍ତମାନ କରିବାର ନାହିଁ କି ପରେ କରିବା ଦରକାର ନାହିଁ। ଭଗବାନଙ୍କୁ ମଧ୍ୟ ଚିନ୍ତନ କରିବା ଦରକାର ନାହିଁ। କେବଳ ଭଗବାନଙ୍କ ଚରଣରେ ପଡ଼ିଯିବାକୁ ହେବ, ଚରଣର ଚିନ୍ତନ ମଧ୍ୟ କରିବା ଦରକାର ନାହିଁ। ସଂସାରର ଚିନ୍ତନ କରିବା ନାହିଁ କି ଭଗବାନଙ୍କ ଚିନ୍ତନ କରିବା ନାହିଁ। ମନକୁ ମଧ୍ୟ ନିରୀକ୍ଷଣ କରିବା ନାହିଁ। ମନକୁ ନିରୀକ୍ଷଣ କରିବାକୁ ହେଲେ ମନ ସହିତ ସମ୍ବନ୍ଧ ମାନିବାକୁ ପଡ଼େ, ମାତ୍ର ଆମର ମନ ସହିତ ଆଦୌ ସମ୍ବନ୍ଧ ନାହିଁ। ଏଣୁ ମନ ଆଡ଼କୁ ଆଦୌ ଦେଖିବା ଉଚିତ ନୁହେଁ। ଏହା ସାଧାରଣ ସ୍ଥିତି ନୁହେଁ, ବହୁତ ଉଚ୍ଚ ସ୍ଥିତି! ଏହା ସମସ୍ତ ସାଧନାର ଅନ୍ତିମ ସାଧନା। କିଛି ନ କରିବାରେ ସମସ୍ତ ସାଧନାର ସମନ୍ୱୟ ଘଟେ। ଯେପରି କୋଟି କୋଟି ଟଙ୍କାର ଏକ ପଇସା ମଧ୍ୟ ଅଂଶ, ସେହିପରି ଯାହାକୁ ପରମାତ୍ମତତ୍ତ୍ୱପ୍ରାପ୍ତି, ଜୀବନ୍ମୁକ୍ତି, ସହଜସମାଧି କହନ୍ତି, ଏହା ତାହାର ଅଂଶ। ଏହାକୁ ସନ୍ଥଜନ 'ମୂକ ସତ୍ସଙ୍ଗ' ଓ 'ଅଚିନ୍ତ୍ୟର ଧ୍ୟାନ' ମଧ୍ୟ କହିଛନ୍ତି।

□□